ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 47 | 19 - 25 November 2023 | Sambalpur | Page- 8 | Invitation Price Rs.10

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଓଡ଼ିଶା ଗବେଷଣା ସମ୍ମେଳନ





ବୁର୍ଲା : ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ ତ୍ରିଦିବସୀୟ ଓଡ଼ିଶା ଗବେଷଣା ସମ୍ମିଳନୀ -୨୦୨୩ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ରାଷ୍ଟ୍ରୀୟ ସ୍ମାରକ ପ୍ରାଧିକରଣର ଅଧକ୍ଷ ତଥା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ନିର୍ଦ୍ଦେଶକ ପ୍ରଫେସର କିଶୋର କୁମାର ଦାସ ମୁଖ୍ୟଅତିଥି, ଏବି କମ୍ପାନୀ ୟୁକେ ଏବଂ ୟୁଏସଏର ମୁଖ୍ୟ ବୈଜ୍ଞାନିକ ଅଧିକାରୀ ପ୍ରଫେସର ଡକ୍ଟର ଶିବାଶିଷ ଗିରି ସମ୍ମାନିତ ଅତିଥି, ଆଇଆଇ ଏସସି ବାଙ୍ଗାଲୋର ତଥା ଭିଜିଟିଂ ପ୍ରଫେସର୍ ଆଇଆଇଟି, ଗାନ୍ଧୀନଗର ପ୍ରଫେସର ଗଦାଧର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଉପାଧକ୍ଷ ପ୍ରଫେସର ଆଶୋକ କୁମାର ଦାସ ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପିଜି କାଉନସିଲ ଅଧକ୍ଷା ପ୍ରଫେସର ସଂଯୁକ୍ତା ଦାସ ଉପସ୍ଥିତ ଥିଲେ ।

ଏହି ଅବସରରେ ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା 'ବ୍ଲକ୍ ଅଫ୍ ଅବଷ୍ଟ୍ରାକ୍ସ ଓ ଆରସି-୨୦୨୩' ଏବଂ 'ଅପରିଚିତ ସାଂସ୍କୃତିକ ଐତିହ୍ୟ ସିଓଇ-ଆରଡିଟିଏସ' ନାମକ ଦୁଇଟି ପୁସ୍ତକ ମଧ ଉନ୍ମୋଚନ କରାଯାଇଥିଲା । ଉପସ୍ଥିତ ବିଶ୍ୱ-ବିଦ୍ୟାଳୟ କୁଳପତିମାନଙ୍କ ଦ୍ୱାରା ରାଜ୍ୟ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ 'ଅନୁସନ୍ଧାନ ଉଦ୍ଭାବନ ସ୍ଥାନକୁ ଉନ୍ନତ କରିବା ପାଇଁ ବିକାଶ ଯୋଜନା' ପ୍ରସଙ୍ଗରେ ପ୍ୟାନେଲ୍ ଆଲୋଚନା କରାଯାଇ ଥିଲା । ଉଦ୍ୟାପନୀ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ଏବଂ ଉଚ୍ଚଶିକ୍ଷା ବିଭାଗ ସଚିବ ଅରବିନ୍ଦ ଅଗ୍ରୱାଲ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ ।

ଉଦ୍ୟାପନୀ ଉତ୍ସବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ଅତିଥି ପରିଚୟ ଦେଇ ସ୍ୱାଗତ ଭାଷଣ ଦେଇଥିଲେ । ଅତିଥିଙ୍କ ବକ୍ତବ୍ୟ ପରେ ପୋଷ୍ଟର ପ୍ରେଜେଣ୍ଟେସନ୍‌ରେ ବିଜ୍ଞାନ ଓ କଳାର ୨୭ ଜଣ ଗବେଷକଙ୍କୁ ଉତ୍ତମ ପୋଷ୍ଟର ପାଇଁ ବିଚାରକ ଦ୍ୱାରା ତର୍ଜମା କରାଯାଇ ପୁରସ୍କୃତ କରାଯାଇଥିଲା । ଶେଷରେ ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପ ରାଜ ସାହୁ ଧନ୍ୟବାଦ ଦେଇଥିଲେ । ଉଦ୍ୟାପନୀ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଇଣ୍ଡଷ୍ଟ୍ରି ଏକାଡେମୀ ବୈଠକ ହୋଇଥିଲା । ଏଥିରେ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ୟଶୱାଲ, ବେଲପାହାଡ଼ ଟିଆର୍‌ଏଲ୍‌ର ଏଚ୍‌ଆର୍ ଡକ୍ଟର ଆର୍‌କେ ସିଂ, ଟିପିଡବ୍ଲୁଓଡିଏଲ୍‌ର ଏଚ୍‌ଆର୍ ମୁଖ୍ୟ କସ୍‌ମିସ୍ ଲାକ୍ରା, ବେଦାନ୍ତରୁ ଏକେ ପାଣ୍ଡେ, ହିଣ୍ଡାଲ୍‌କୋରୁ ଦେବାଶିଷ ମଲ୍ଲିକ ଏବଂ ଶିବ ମିଶ୍ର ପ୍ରମୁଖ ଏକାଡେମିଆ ଇଣ୍ଡଷ୍ଟ୍ରି ଇଣ୍ଟରଫେସ୍ ଲ୍ୟାବ୍ ଟୁ ଲ୍ୟାଣ୍ଡ ବିଷୟରେ ଆଲୋଚନା କରିଥିଲେ । କିପରି ବିଶ୍ୱବିଦ୍ୟାଳୟଗୁଡିକ ଗବେଷଣାଗାରକୁ ପ୍ରଭାବିତ କରିବେ ସେହି ପ୍ରସଙ୍ଗ ଉପରେ ଏକ ପ୍ୟାନେଲ ଚର୍ଚ୍ଚା ମଧ ହୋଇଥିଲା ।

# ସମ୍ବଲପୁରରେ ପଶ୍ଚିମ ଓଡ଼ିଶା ଗୋ' ପାଳନ ସମ୍ମିଳନୀ





ସମ୍ବଲପୁର: ସ୍ଥାନୀୟ ଅଇଁଠାପାଲି ସ୍ଥିତ ପିଏଚଡି ପଡିଆ ଠାରେ ଆୟୋଜିତ ହେଉଥିବା ଦୁଇଦିନିଆ ପଶ୍ଚିମ ଓଡ଼ିଶା ଗୋ' ପାଳନ ସମ୍ମିଳନୀ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ ଶ୍ରମମନ୍ତ୍ରୀ ଶାରଦା ପ୍ରସାଦ ନାଏକ, ଉତ୍ତରାଞ୍ଚଳ ରାଜସ୍ୱ କମିଶନର ଡକ୍ଟର ସୁରେଶ ଚନ୍ଦ୍ର ଦଳେଇ, ରାଜ୍ୟ ପଶୁ ସମ୍ପଦ ବିଭାଗର ସଚୀବ ସୁରେଶ କୁମାର ବଶିଷ୍ଟ, ବିଧାୟକ ରୋହିତ ପୂଜାରୀ ଓ କିଶୋର ଚନ୍ଦ୍ର ନାଏକ, ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାଏକ, ଜିଲ୍ଲାପାଳ ଅନନ୍ୟା ଦାସ ପ୍ରମୁଖ ଯୋଗ ଦେଇଥିଲେ । ଏହାପରେ ପରେ ବିଭିନ୍ନ ବିଷୟରେ ଆଲୋଚନାଚକ୍ରମାନ ଆୟୋଜିତ ହୋଇଥିଲା ।

## କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ୩ ଦିନିଆ ଓଡ଼ିଶା ଗସ୍ତ

ସମ୍ବଲପୁର : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ତିନିଦିନିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଶ୍ରୀ ପ୍ରଧାନ ୨୦ ତାରିଖ ସକାଳେ ସମ୍ବଲପୁରରେ ପହଞ୍ଚିବା ପରେ ବରଗଡ଼କୁ ଯାଇ ସେଠାରେ ବିକାଶ ରେସିଡେନସିଆଲ ସ୍କୁଲର ବାର୍ଷିକୋତ୍ସବ ଏବଂ ବାନ୍ଦୁଟିକ୍ରା ଛକଠାରେ ଏକ ଡେଣ୍ଟାଲ କ୍ଲିନିକ୍



ଉଦ୍‌ଘାଟନ କରିବେ । ତା'ପରେ ସେ ସମ୍ବଲପୁର ଫେରିଆସି ସମ୍ବଲପୁର ଷ୍ଟେସନରେ ବିଶାଖା-ପାଟନମକୁ ସମ୍ପ୍ରସାରିତ ହେଉଥିବା ବନାରସ ସମ୍ବଲପୁର ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିବେ । ଏହାପରେ ସେ ମୟୁରଭଞ୍ଜ ଯାଇ ତା'ପର ଦିନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ପୁଣି ସମ୍ବଲପୁର ଜିଲ୍ଲାକୁ ଫେରି ଆସି ବୁର୍ଲାଠାରେ ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ତା'ପର ଦିନ ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ହେଉଥିବା ଉତ୍ସବରେ ଯୋଗ ଦେବା ପରେ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଯାଇ କୁଣ୍ଡୁକେଲା ଠାରେ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୋଗଦେଇ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ।

# ଓଡ଼ିଶାରେ ପ୍ରଥମ ଥର ପାଇଁ ତାଳପଟିଆରେ ହେବ ଅଷ୍ଟକୁଞ୍ଜ ୨୪ ପ୍ରହର ନାମଯଜ୍ଞ

ଝାରସୁଗୁଡ଼ା: ଆସନ୍ତା ଜାନୁଆରୀ ୨ ରୁ ୬ ତାରିଖ ପର୍ଯ୍ୟନ୍ତ ଓଡ଼ିଶାରେ ପ୍ରଥମ ଥର ପାଇଁ ରାଧାରମଣ ସେବା ସମିତି ଆନୁକୂଲ୍ୟରେ ତାଳପଟିଆ ଗ୍ରାମରେ ଅଷ୍ଟକୁଞ୍ଜ ୨୪ ପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେବ । ଏଥିରେ ୮ଟି କୁଞ୍ଜ (ଯଜ୍ଞ ମଣ୍ଡପ) ନିର୍ମିତ ହୋଇ ଏକକାଳୀନ ପ୍ରତ୍ୟେକ ମଣ୍ଡପରେ ଅଧିବାସ, ସେବାପୂଜା, ନାମ, ଦଧିଭାଣ୍ଡ ଭଞ୍ଜନ ଏବଂ ନଗର ସଂକୀର୍ତ୍ତନ ସଂପନ୍ନ ହେବ । ପ୍ରାୟ ୨୦୦ ସଂକୀର୍ତ୍ତନ ମଣ୍ଡଳୀ ଏଥିରେ ଯୋଗଦେଇ ଅଖଣ୍ଡ କୀର୍ତ୍ତନ କରିବେ । ବୃନ୍ଦାବନ, ନବଦ୍ୱୀପ, ମାୟାପୁରର ସଂକୀର୍ତ୍ତନ ଦଳ ଯୋଗଦେବା ପାଇଁ ନିମନ୍ତ୍ରଣ କରାଯାଇଛି । ଏହାଛଡ଼ା ଦେଶର ବହୁ ବିଶିଷ୍ଟ ସାଧୁସନ୍ଥ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଭବ୍ୟ ଆଧାତ୍ମିକ କାର୍ଯ୍ୟକ୍ରମ ସଫଳତା ପାଇଁ ବର୍ତ୍ତମାନ ଠାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ନିକଟରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାର ବିଶିଷ୍ଟ କୀର୍ତ୍ତନ ଗାୟକ ଓ ପୁଜକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇ ଏହି କାର୍ଯ୍ୟକ୍ରମରେ ପୁରୀ ଗଜପତି ଦିବ୍ୟ ସିଂହ ଦେବଙ୍କୁ ମଧ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିବାକୁ ସ୍ଥିର ହୋଇଛି । କାର୍ଯ୍ୟକ୍ରମ ପାଇଁ ଗଠିତ କମିଟିରେ ଝାରସୁଗୁଡ଼ାର ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ମହାପାତ୍ର, ଡିକ୍ଟେଟର ନାୟକ, ରାଜୀବ କିଶୋର ସାକୁନିଆ, ଦଶରଥ ନନ୍ଦନ ଶର୍ମା, ଯଜ୍ଞନାରାୟଣ ଶର୍ମା ଉପଦେଷ୍ଟା ରହିଥିବା ବେଳେ ଅଶ୍ୱିନୀ କୁମାର ମହାପାତ୍ର ସଭାପତି, ଅଜୟ କୁମାର ଶର୍ମା କାର୍ଯ୍ୟକାରୀ ସଭାପତି, ରୋମାଞ୍ଚ କୁମାର ନାଏକ ଉପ ସଭାପତି, ସୁରେନ୍ଦ୍ର ସାହୁ (ଖିତୁ) ସମ୍ପାଦକ, ଶମ୍ଭୁ ପ୍ରସାଦ ନାଏକ ଉପ ସଂପାଦକ, ଲୋକେଶ ସାହୁ, ପିଙ୍ଗଲ କୁମାର ପଟେଲ ଓ ବିନୟ କୁମାର ଶର୍ମା କୋଷାଧକ୍ଷ ରହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ତାଳପଟିଆ ଗ୍ରାମରେ ପ୍ରଥମ ଥର ପାଇଁ ୨୦୧୮ ମସିହାରେ ଶ୍ରୀ ଅଷ୍ଟକୁଞ୍ଜ ଅଷ୍ଟପ୍ରହରୀ ନାମଯଜ୍ଞ ସଫଳତାର ସହ ଆୟୋଜିତ ହୋଇଥିଲା ।



## ଏ ସଂଖ୍ୟାରେ..



ଔଷଧ ଗୁଣରେ ଭରା ଘିକୁଆଁରୀ



ଦେହକୁ ଭଲ ଗୋଲମରିଚ



ବ୍ଲଡପ୍ରେସର ନିୟନ୍ତ୍ରଣ କରେ କମଳା ଜୁସ୍



ଶାଗ ଭିତରେ ମେଥିଶାଗ



ଉପକାରୀ ଗ୍ରୀନ୍ ମଟର



ସୋୟାବିନ୍‌ର ଉପକାରିତା

# ସୁନ୍ଦରଗଡ଼ରେ ଡିସେମ୍ବର ୧୫ରୁ ଧାନ ସଂଗ୍ରହ

ସୁନ୍ଦରଗଡ : ସୁନ୍ଦରଗଡ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡା. ପରାଗ ହର୍ଷଦ ଗାଭାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚାଷୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ଯୋଗାଇ ଦେବା, ଧାନରୁ ଏକ ପ୍ରକାର ପ୍ରକ୍ରିୟାକରଣ କରି ଚାଉଳ ବାହାର କରିବା ଆଦି ଲକ୍ଷ୍ୟ ନେଇ ଚଳିତ ବର୍ଷ ଖରିଫ ଧାନ ନିମନ୍ତେ ଡିସେମ୍ବର ୧୫ରୁ ଧାନ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଏଥିପାଇଁ ଜିଲ୍ଲାରେ ୧୩୪ଟି ଧାନ ସଂଗ୍ରହ କେନ୍ଦ୍ର ଖୋଲାଯିବାର ଲକ୍ଷ୍ୟ ରଖାଯାଇଛି । ଯେଉଁଥିରେ ୮ଟି ସ୍ୱୟଂ ସହାୟକ ମହିଳା ଗୋଷ୍ଠୀ, ୪୪ ଲ୍ୟାମ୍ପସ, ଗୋଟିଏ ଏମପିସିଏସ ଏବଂ ୨ଟି ଆ ?ସିଏମଏସ ରହିଛି । ଚଳିତ ବର୍ଷ ପଞ୍ଜିକୃତ ହୋଇଥିବା ୫୩୭୯୮ ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ପାଇଁ ଧାର୍ଯ୍ୟ କରାଯାଇଛି । ଏଥି ନିମନ୍ତେ ସରକାର ପ୍ରଥମ ପର୍ଯ୍ୟାୟରେ ୧୮୯୪୧୧,୭୬୫ ମେଟ୍ରିକ୍ ଟନ ଧାନ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି । ଏହି ଧାନ ସଂଗ୍ରହ କାମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମଧ ସହାୟତା ନିଆଯିବ । ପ୍ରକ୍ରିୟାକୁ ସହଜ କରିବା ପାଇଁ ଜିଲା ସ୍ତରରେ କଣ୍ଟ୍ରୋଲ ରୁମ ସ୍ଥାପନ କରାଯାଇ ଏକ ସ୍ୱତନ୍ତ୍ର ହେଲ୍ପ ଲାଇନ୍ ନମ୍ବର ୧୮୦୦୪୩୫୭୪୬୧ ଜାରୀ କରାଯାଇଛି । ଏହାଛଡା ଧାନ ସଂଗ୍ରହ ନିମନ୍ତେ ଅନ୍ୟାନ୍ୟ ସୂଚନା କିମ୍ବା ପ୍ରଶ୍ନ ରହିଥିଲେ ଯୋଗାଣ ବିଭାଗ ଏବଂ ସମବାୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ମଧ ଚାଷୀମାନେ ଯୋଗାଯୋଗ କରିପାରିବେ । ଧାନ ସଂଗ୍ରହ ମଣ୍ଡିରେ ଗୋଦାମ, ପିଣ୍ଡି, ପରୀକ୍ଷା ଉପକରଣ, ପାନୀୟ ଜଳ ଏବଂ ଶୌଚାଳୟ ଇତ୍ୟାଦି ପ୍ରସ୍ତୁତ କରି ରଖିବାକୁ ସବୁ ଅନୁଷ୍ଠାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପଞ୍ଜୀକୃତ ହୋଇଥିବା ଚାଷୀ ଆଉ କେତେ ପରିମାଣର ଧାନ ବିକି ପାରିବେ ସେ ନେଇ ଆଗୁଆ ସୂଚନା ଚାଷୀଙ୍କୁ ଏସଏମଏସ ମାଧମରେ ମିଳିପାରିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା । ସବୁ ବର୍ଷ ପରି ଏବର୍ଷ ମଧ ମଣ୍ଡି ପରିଚାଳନା ଭାର ପ୍ରାଥମିକ କୃଷି ସମବାୟ ସମିତି ଏବଂ ମହିଳା ସ୍ୱୟଂ ସହାୟକ ଦଳମାନଙ୍କ ଉପରେ ନ୍ୟସ୍ତ ହେବ ବୋଲି ସୂଚନା ଦିଆଯାଇଥିଲା । ଏହି ବୈଠକରେ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାୟକ ଡାକ୍ତର ରାଜେନ ଏକ୍କା, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ଜିଲା ପରିଷଦ ଅଧକ୍ଷା କୁନ୍ତୀ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ବଣାଇଁ ଉପ ଜିଲାପାଳ ସୁରଞ୍ଜନ ସାହୁ, ଜିଲ୍ଲା ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଶ୍ରା, ଅତିରିକ୍ତ ଯୋଗାଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବହୁ ସଂଖ୍ୟାରେ ଚାଷୀ ଏବଂ ମିଲର୍ସମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସୋନପୁରରେ ଶିକ୍ଷା ସଚେନତା ରଥର ଶୁଭାରମ୍ଭ

ସୋନପୁର : ଶିଶୁ ଦିବସ ଅବସରରେ ସମଗ୍ର ଶିକ୍ଷା ସୁବର୍ଣ୍ଣପୁର ଜିଲ୍ଲା ଆନୁକୁଲ୍ୟରେ ଶିକ୍ଷା ସଚେତନତା ରଥ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଶୁଭାରମ୍ଭ ହୋଇଯାଇଛି । ଉକ୍ତ ସଚେତନତା ରଥ ସମୁହକୁ ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାଏ ଉଦ୍‌ଘାଟନ କରିଥିଲେ । ଜିଲ୍ଲାର ୬ଟି ବ୍ଲକକୁ ୬ ଗୋଟି ରଥ ଦୀର୍ଘ ପାଞ୍ଚ ଦିନ ଧରି ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ଏହି ସଚେତନତା ରଥ ମାଧମରେ ପିଲାଙ୍କୁ ସ୍କୁଲ ପ୍ରତି ଆକର୍ଷିତ କରିବା ସଙ୍ଗେସଙ୍ଗେ ସ୍କୁଲ ଛାଡିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ।ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ତଥା ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା, ସରକାରୀ ବାଳିକା ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସିଆରସିସି ମାନେ ଉପସ୍ଥିତ ଥିଲେ ।

## ୨ ନଦୀଗର୍ଭ ଜଳାଶୟ ପ୍ରକଳ୍ପକୁ ୩୮୬.୨୫ କୋଟି

ଭୁବନେଶ୍ୱର : ସୁନ୍ଦରଗଡ଼ ଜିଲ୍ଲା ପାଇଁ ଦୁଇଟି ନଦୀଗର୍ଭ କଳାଶୟ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଦୁଇଟି ପ୍ରକଳ୍ପ ପାଇଁ ୩୮୬୨୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଦୁଇ ପ୍ରକଳ୍ପ ମଧରୁ ଇବ୍ ନଦୀରେ ଭଷ୍ମା ନଦୀଗର୍ଭ ଜଳାଶୟ ପ୍ରକଳ୍ପ ଓ ସଫେଇ ନଦୀରେ ଫୁଲବାରୀ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ରହିଛି । ଭଷ୍ମା ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୨୬୨,୫୦ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଫୁଲବାରୀ ପ୍ରକଳ୍ପ ପାଇଁ ୧୨୩.୭୫ କୋଟି ଟଙ୍କା ମଞ୍ଜୁର କରିଛନ୍ତି । ଏହାଦ୍ୱାରା ୫ଟି ବ୍ଲକର ଲୋକ ଉପକୃତ ହେବେ । ଉଭୟ ପ୍ରକଳ୍ପ ଭୂତଳ ଜଳର ସ୍ତର ବୃଦ୍ଧି ହେବା ସହିତ ପାନୀୟ ଜଳ ପ୍ରକଳ୍ପ, ମାଛ ଚାଷ, ପଶୁପାଳନ ଆଦି କ୍ଷେତ୍ରରେ ବିଶେଷ ସହାୟକ ହେବ । ଭଷ୍ମା ପ୍ରକଳ୍ପ ଦ୍ୱାରା ଟାଙ୍ଗରାପାଲି, ସୁନ୍ଦରଗଡ଼ ଝାରସୁଗୁଡ଼ା ବ୍ଲକରେ ଜନସାଧାରଣ ଉପକୃତ ହେବା ବେଳେ ଫୁଲବାରୀ ପ୍ରକଳ୍ପ ଦ୍ୱାରା ବଡ଼ଗାଁ ଓ ବାମରା ବ୍ଲକର ଜନସାଧାରଣ ଉପକାର ପାଇବେ ।

## ଗଣଦୌଡ଼ରୁ ଶୁଭାରମ୍ଭ ହେଲା ସମବାୟ ସପ୍ତାହ

ସୋନପୁର : ୭୦ ତମ ଅଖିଳ ଭାରତୀୟ ସମବାୟ ସପ୍ତାହ ପାଳନ ଅବସରରେ ଆୟୋଜିତ ଜିଲ୍ଲା ସ୍ତରୀୟ ଗଣଦୌଡକୁ ଜିଲ୍ଲାପାଳ ବିମଳେନ୍ଦୁ ରାୟ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟ ନାରାୟଣ ଦାଶ, ସହକାରୀ ନିବନ୍ଧକ, ସୋନପୁର ଶ୍ରୀ ପାଣୁ ଚରଣ ସାହୁ, ସହକାରୀ ନିବନ୍ଧକ, ବୀରମହାରାଜପୁର, ପ୍ରେମାନନ୍ଦ ଦୀପ ଓ ସମବାୟ ବିଭାଗର ସମସ୍ତ କର୍ମକର୍ତା ଗଣଦୌଡ଼ ରେ ବାହାରି ସୁରେଶ୍ୱରୀ ମନ୍ଦିର ସୋନପୁର ଠାରେ ପହଞ୍ଚି ଥିଲେ । ପରେ ପରେ ଜିଲ୍ଲାପାଳ ରାୟ ଜିଲ୍ଲାପାଳ କାର୍ଯ୍ୟାଳୟ ଠାରୁ ସମବାୟ ସଚେତନତା ରଥକୁ ମଧ ସବୁଜ ପତାକା ପ୍ରଦର୍ଶନ ପୂର୍ବକ ଶୁଭାରମ୍ଭ କରି ସମବାୟ ରଥ ଜିଲ୍ଲା ର ସମସ୍ତ କୋଣ ଅନୁକୋଣ କୁ ସମବାୟ ସେବା ର ବାର୍ତା ପହଂଚାଇବା ସହିତ ଜନସାଧାରଣ ସମସ୍ତ ସମବାୟ ସେବାର ଲାଭ ନେବାକୁ ପରାମର୍ଶ ଦେଇଥିଲେ । ଶ୍ରୀ ପାଣୁ ଚରଣ ସାହୁ , ସହକାରୀ ନିବନ୍ଧକ , ସୋନପୁର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଗ୍ରନ୍ଥାଗାର ନୂତନ ଗୃହର ଶିଳାନ୍ୟାସ

ସୋନପୁର : ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧକ୍ଷ ଅସିତ୍ ତ୍ରିପାଠୀ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏ ଅବସରରେ ଜିଲ୍ଲା ଗ୍ରନ୍ଥାଗାରର ସମ୍ପ୍ରସାରଣ ପାଇଁ ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଏକ କୋଟି ବ୍ୟୟବରାଦରେଏହି ନୂତନ ଗ୍ରନ୍ଥାଳୟ ନିର୍ମାଣ କରାଯିବ ଏବଂ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପକ୍ଷରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ଦିଆଯାଇଛି । କାର୍ଯ୍ୟକ୍ରମରେ ସଂସଦୀୟବ୍ୟାପାର ମନ୍ତ୍ରୀ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗ ଦେଇଥିଲେ । ଅନ୍ୟପକ୍ଷେ ଉଲୁଣ୍ଡା ଗ୍ରାମପଞ୍ଚାୟତରେ ପର୍ଯ୍ୟଟନ ସ୍ଥଳୀର ବିକାଶ ନିମନ୍ତେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ସହ ପରିଷଦର ଅଧକ୍ଷ ଦଶରାଜପୁର ଠାରେ ମୁଖ୍ୟମନ୍ତ୍ରୀ ସଭାଗୃହର ଶିଳାନ୍ୟାସ କରିଛନ୍ତି । ପଶ୍ଚିମ ଓଡିଶା ବିକାଶ ପରିଷଦ ଏହି ପ୍ରୋଜେକ୍ଟ ପାଇଁ ୬୮ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟବରାଦ କରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ନୀଳମାଧବ ପଣ୍ଡା ଉପସ୍ଥିତ ଥିଲେ ।

## ବସୁମତୀ ସାହିତ୍ୟ ସଂସଦ ପକ୍ଷରୁ ସାରସ୍ୱତ ଆସର

ସମ୍ବଲପୁର : ବସୁମତୀ ସାହିତ୍ୟ ସଂସଦ ଏବଂ 'ଜ୍ୟୋତି' ଅନୁଷ୍ଠାନ ମିଳିତ ଆନୁକୂଲ୍ୟରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଚକ୍ଷୁ ଚିକିତ୍ସାବିତ୍ ତଥା ସାହିତ୍ୟିକ ଡାକ୍ତର ଅନୀତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସଂସଦର ସଭାପତି ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଉପସଭାପତି ପ୍ରଫେସର ଗିରିଜା ଶଙ୍କର ଶର୍ମା ଓ ସମ୍ପାଦକ ଡାକ୍ତର ଗୁଣସାଗର ଦାଶ, 'ଜ୍ୟୋତି' ସଭାପତି ଡାକ୍ତର ପରେଶ ଚନ୍ଦ୍ର ଦାନୀ ମଞ୍ଚାସୀନ ଥିଲେ । ପ୍ରଫେସର ଶର୍ମା 'ବୈଷୟିକବିଦ୍ ମାନଙ୍କ ସାହିତ୍ୟ ସାଧନା ଓ ସୃଜନ ମାନସ' ବିଷୟ ଉପରେ ଆଲୋଚନା କରି ମତାମତ ରଖିଥିଲେ । ଶେଷରେ ଜୟକୃଷ୍ଣ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ସତ୍‌ସଙ୍ଗର ଅଦ୍‌ଭୁତ ପ୍ରଭାବ

ଏକନାଥ ଜଣେ ଉଚ୍ଚକୋଟିର ସନ୍ଥ ଥିଲେ । ତାଙ୍କର ନିର୍ମଳତା, ସହୃଦୟତା ଓ ସମଦର୍ଶିତା ସର୍ବଦା ତାଙ୍କ ଆଚରଣରେ ପ୍ରସ୍ଫୁଟିତ ହେଉଥିଲା । ଦିନେ ରାତିରେ ତାଙ୍କ ଘରେ ହରିକୀର୍ତ୍ତନ ଚାଲିଥିଲା । ସେଥିରେ ଅନେକ ଶ୍ରଦ୍ଧାଳୁ, ଭକ୍ତ, ଶିଷ୍ୟ ସାମିଲ ହୋଇଥିଲେ । ସେହି ସମୟରେ ତିନି ଜଣ ଚୋର କେଉଁଠୁ ଆସିଲେ ଏବଂ କୀର୍ତ୍ତନ ସମାପ୍ତ ହୋଇଯିବା ପରେ ସମସ୍ତ କୀର୍ତ୍ତନକାର ଚାଲିଗଲେ ସେମାନେ ସେହି ଘରୁ ଚୋରି କରି ପଳାଇବା କଥା ଚିନ୍ତା କରି କୀର୍ତ୍ତନ ମଣ୍ଡଳୀରେ ସାମିଲ ହୋଇଗଲେ ।

କୀର୍ତ୍ତନ ସମାପ୍ତ ହେବାରୁ ସମସ୍ତ କୀର୍ତ୍ତନକାର ଚାଲିଗଲେ । ରାତି ପ୍ରାୟ ୨ଟାରେ ଚୋରମାନେ ଏକନାଥଙ୍କ ଘରୁ ଚୋରି କରିବା ଆରମ୍ଭ କଲେ । ଘରେ ଯାହା ସବୁ ବାସନକୁସନ, ପୋଷାକପତ୍ର ଆଦି ଦେଖାଗଲା ସେଗୁଡ଼ିକୁ ବାନ୍ଧିନେଇ ବାହାରକୁ ଚାଲିଗଲେ, କିନ୍ତୁ ଘରେ ଆହୁରି ଅଧିକ ଜିନିଷ ଥିବା ପରି ସେମାନଙ୍କର ମନେହେଲା ଏବଂ ଏପରି ଚିନ୍ତା କରି ସେମାନେ ଦୁଆର ବାଟ ଦେଇ ପୁନଶ୍ଚ ଘର ଭିତରକୁ ପଶି ଏଣେତେଣେ ଜିନିଷ ଖୋଜିଲେ ।ସେହି କ୍ରମରେ ସେମାନେ ସେହି ପୂଜାଗୃହ, ଦେବଗୃହରେ ପହଞ୍ଚି ଗଲେ ।ଯେଉଁଠି ସନ୍ଥ ଏକନାଥ ବସି ପୂଜାପାଠ ଏବଂ ଭଗବଦ୍ ଧ୍ୟାନ କରୁଥିଲେ ।

ଚୋରମାନେ ଦେଖିଲେ ଯେ ସେହି ଘରେ ଏକ ଦୀପ ଜଳୁଛି ଏବଂ ସନ୍ଥ ଏକନାଥ ଆସନରେ ବସି ସମାଧିର ଆନନ୍ଦରେ ମଗ୍ନ ଅଛନ୍ତି । ଏହି ଦୃଶ୍ୟ ଦେଖିବା ମାତ୍ରେ ଚୋରମାନେ ଅନ୍ଧ ହୋଇଗଲେ ଏବଂ ସେମାନଙ୍କୁ କିଛି ଦେଖାଗଲା ନାହିଁ । ସେମାନେ ସେଠାରୁ ପଳାୟନ କରିବା ଚକ୍କରରେ ସେଠାରେ ରଖିଥିବା ବାସନକୁସନ ଉପରେ ପଡ଼ିଗଲେ । ଚୋରମାନେ ବୁଝିଗଲେ ଯେ ଏଠାରେ ବସିଥିବା ମହାତ୍ମା (ସନ୍ଥ ଏକନାଥ )ଙ୍କ ପ୍ରଭାବରୁ ହିଁ ସେମାନଙ୍କୁ କିଛି ଦେଖାଯାଉ ନାହିଁ ଏବଂ ସେମାନେ ଅନ୍ଧ ହୋଇଯାଇଛନ୍ତି । ସେମାନେ ସମସ୍ତେ ସେଠାରେ ପାଖରେ ବସି ଧ୍ୟାନ-ସମାଧିର ଆନନ୍ଦରେ ନିମଗ୍ନ ଥିବା ସନ୍ଥ ଏକନାଥଙ୍କ ଚରଣରେ ପଡ଼ିଗଲେ, ବହୁତ କାନ୍ଦିଲେ ଓ ତାଙ୍କୁ କ୍ଷମା ମାଗିଲେ ।

ଧ୍ୟାନରେ ମଗ୍ନ ଥିବା ସହୃଦୟ ସନ୍ଥ ଏକନାଥ ଆଖି ଖୋଲିଲେ ଓ ସେହି ଚୋରମାନଙ୍କ ଅବସ୍ଥା ଦେଖି ଦ୍ରବିତ ହୋଇଗଲେ । ସେ ସେଇ ଚୋରମାନଙ୍କ ଆଖି ହାତ ବୁଲାଇଲେ, ହାତ ବୁଲାଇବା ମାତ୍ରେ ଚୋରମାନଙ୍କ ଦୃଷ୍ଟି ଫେରି ଆସିଲା । ଏହି ଚମତ୍କାର ଦେଖି ଚୋରମାନେ ଚକିତ ହୋଇଗଲେ । ସେମାନେ କିପରି ଚୋରି କରି ତାଙ୍କ ଘରୁ ପଳାୟନ କରୁଥିଲେ ଆଦି ସବୁ କଥା ସନ୍ଥ ଏକନାଥଙ୍କୁ ଜଣାଇଲେ ।

ସହୃଦୟ ସନ୍ଥ ଏକନାଥ ସେହି ଚୋରମାନଙ୍କୁ କହିଲେ – "ତୁମେମାନେ ବହୁତ ଥକିଯାଇଛ, ତେଣୁ ପ୍ରଥମେ ଭୋଜନ କର, ତାପରେ ଯେଉଁ ସବୁ ଜିନିଷ ନେଇଯିବାକୁ ଚାହୁଁଛ, ସେସବୁ ନେଇଯିବ । ମୁଁ ତୁମକୁ ଜିନିଷ ନେଇଯିବାରୁ ଅଟକାଇବି ନାହିଁ, ବରଂ ମୁଁ ତୁମକୁ ଜିନିଷ ନେଇଯିବାରେ ସାହାଯ୍ୟ ମଧ କରିପାରେ । କୌଣସି ସଂକୋଚ କର ନାହିଁ । ତୁମେମାନେ ପ୍ରେମ ପୂର୍ବକ ଭୋଜନ କର ଓ ତାପରେ ଯାଅ ।' ଏତିକି କହି ସନ୍ଥ ଏକନାଥ ନିଜ ଅଙ୍ଗୁଳିରେ ପିନ୍ଧିଥିବା ମୁଦିଟି ବାହାର କରିଦେଇ ଚୋରମାନଙ୍କ ପାଖରେ ରଖିଦେଲେ । ସନ୍ଥ ଏକନାଥଙ୍କର ଏପରି ବ୍ୟବହାର ଦେଖି ସେହି ଚୋରମାନଙ୍କ ମଳିନ ଚିତ୍ତରେ ମଧ କମ୍ପନ ସୃଷ୍ଟି ହେଲା । ସେମାନେ ମନେ ମନେ ଭାବିଲେ ଆମ ଭଳି ଚୋରମାନଙ୍କ ପ୍ରତି ବି ଏପରି ପ୍ରେମପୂର୍ଣ୍ଣ ବ୍ୟବହାର । ଭଲା ଇଏ କୌଣସି ସାଧାରଣ ବ୍ୟକ୍ତି ହୋଇ ନ ପାରନ୍ତି । ଗ୍ଲାନିର ଭାବରେ ସେମାନଙ୍କ ଆଖି ଛଳଛଳ ହୋଇଗଲା ।

ବାସ୍ତବରେ ଭୁଲ ସଙ୍ଗତି ଦ୍ୱାରା ଯଦି କେହି ଭୁଲ ମାର୍ଗରେ ଯାଇପାରେ ତ ସଙ୍ଗତି ଲାଭ କରି କେହି ସନ୍ମାର୍ଗରେ କାହିଁକି ଚାଲି ନ ପାରିବ । ଅନେକ ଥର ଦୁର୍ଜନ ବା ଖଳ ଲୋକଙ୍କ ସଙ୍ଗତିରେ ଲୋକେ କୁମାର୍ଗରେ ଚାଲିବାରେ ଲାଗନ୍ତି, କିନ୍ତୁ ଯଦି କୁମାର୍ଗରେ ଚାଲୁଥିବା ଲୋକ, ଦୁର୍ଜନ ଲୋକଙ୍କୁ ଭୁଲରେ ବି ସନ୍ଥଙ୍କ ସଙ୍ଗତି ମିଳିଯାଏ ତ ସେମାନଙ୍କ ଜୀବନ ସୁଧୁରି ଯାଇ ପାରିବ । କାରଣ ଜଳରେ ପଥରକୁ ବି ଫଂଟାଇ ଦେବାର ଶକ୍ତି ଅଛି, ସେହିପରି ସଜ୍ଜନତା, ସତ୍ସଙ୍ଗ, ସାଧୁପୁରୁଷଙ୍କ ସଙ୍ଗତି, ସଦ୍‌ବିଚାର ଗୁଡ଼ିକରେ ଦୁର୍ଜନତାକୁ ଜୟ କରିବାର ଅଦ୍ଭୁତ ସାମର୍ଥ୍ୟ ରହିଛି । ଦୁର୍ଗୁଣ, ଦୁଷ୍କର୍ମ ବା ଦୁର୍ଜନତାରୁ ମୁକ୍ତ ହେବା ପାଇଁ ସସଙ୍ଗ ଅଥବା ସନ୍ଥମାନଙ୍କ ସଜ୍ଜନତା, ସଙ୍ଗତି ହିଁ ଏକମାତ୍ର ସଫଳ ଉପଚାର । ଏହା ବ୍ୟତୀତ ମୃତ୍ୟୁଲୋକରେ ଦୁର୍ଜନତାର ଅନ୍ୟ କୌଣସି ଉପଚାର ନାହିଁ । ସନ୍ଥ ଏକନାଥଙ୍କ ମଧୁର ବ୍ୟବହାର ଓ ତାଙ୍କ ଚାରିପାଖରେ ବ୍ୟାପ୍ତ ଘନୀଭୂତ ଆଧାତ୍ମିକ ଆଭାର ପ୍ରଭାବରେ ଚୋରମାନଙ୍କୁ ନିଜ ଭୁଲର ଅନୁଭବ ହେଲା ଏବଂ ସେହି ଚାରି ଜଣଙ୍କ ମନ ବଦଳି ଗଲା । ସନ୍ଥ ଏକନାଥ ନିଜର ପତ୍ନୀ ଗିରିଜାବାଈଙ୍କୁ ଉଠାଇ ରାତିରେ ରୋଷେଇ କଲେ ଏବଂ ଚୋରମାନଙ୍କୁ ଭୋଜନ କରାଇଲେ । ଚୋରମାନେ ନିଜ ସହିତ କିଛି ବି ନେଲେ ନାହିଁ । ଯଦି ସେମାନେ କିଛି ନେଇକରି ଗଲେ ତ ତାହା ହେଉଛି – ସନ୍ଥ ଏକନାଥଙ୍କ ସହୃଦୟତା, ଉଦାରତାର ସ୍ମରଣ । ସେହି ସ୍ମରଣ ଦ୍ୱାରା ଶୁଦ୍ଧ ହୋଇ ସେମାନେ ସମସ୍ତେ ଚୋରି କରିବା ଛାଡ଼ିଦେଲେ । ସେମାନେ ସଦାଚାର ପୂର୍ବକ ରହିଲେ ଏବଂ ବାରମ୍ବାର ଏକନାଥ ମହାରାଜଙ୍କ କୀର୍ତ୍ତନ ଓ ଉପଦେଶ ଶୁଣି ଶେଷରେ ସଦ୍‌ଗତି ପ୍ରାପ୍ତ ହେଲେ । ବାସ୍ତବରେ ସସ୍ଙ୍ଗର ମହିମା ଅଭୁତ । ସନ୍ଥଙ୍କ ସଙ୍ଗତି ଦ୍ୱାରା ପ୍ରକୃତରେ ଜଣେ ଖରାପ ବ୍ୟକ୍ତିର ଜୀବନ ମଧ ବଦଳି ପାରିବ ।

# ଶ୍ରୀରାମ ପୂଜନର ପ୍ରେରଣା

**ଭା**ରତୀୟ ସଂସ୍କୃତିର ଆଦର୍ଶଗୁଡ଼ିକୁ ନିଜ ଜୀବନରେ ମୂର୍ତ୍ତିମାନ୍ କରିଥିବା, ଭାରତୀୟ ଧର୍ମ ଆକାଶରେ ସୂର୍ଯ୍ୟଙ୍କ ସମାନ ଚମକୁଥିବା ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ପୂଜନର ପ୍ରେରଣା ଅର୍ଥାତ୍ ତାଙ୍କ ଜୀବନର ପ୍ରେରଣାଗୁଡ଼ିକୁ ଗ୍ରହଣ କରି ତଦନୁସାର ଜୀବନଯାପନ କଲେ ଆମେ ଦେବତ୍ୱର ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଏ ଯୁଗରେ ମଧ ରାମରାଜ୍ୟ ସ୍ଥାପନ ତଥା ଧରିତ୍ରୀରେ ସ୍ୱର୍ଗର ଅବତରଣ ସମ୍ଭବ କରାଇ ପାରିବା । ଧ୍ୟାନ ପୂର୍ବକ ଦେଖିଲେ ଆମେ ଜାଣି ପାରିବା ଯେ ଭଗବାନ ରାମଙ୍କ ଅବତରଣର କଥା ଯେପରି ପରିସ୍ଥିତିରେ ଲେଖାଯାଇଥିଲା, ବର୍ତ୍ତମାନ ସମୟରେ ମଧ ପ୍ରାୟ ସେହିପରି ପରିସ୍ଥିତି ରହିଛି । ଯେଉଁ ପରିସ୍ଥିତିରେ ଭଗବାନ ରାମ ନିଜର ପୁଣ୍ୟ ଚରିତ୍ରକୁ ଜନମାନସ ସମ୍ମୁଖରେ ପ୍ରସ୍ତୁତ କରିଥିଲେ, ବର୍ତ୍ତମାନ ସମୟ ମଧ କିଛି ସେହିପରି ।

ପ୍ରକୃତରେ ରାବଣ ଗୋଟିଏ ବ୍ୟକ୍ତି ଠାରୁ ଅଧିକ ଏଭଳି ବିକୃତ ମାନସିକତାର ନାମ- ଯାହା ମନ୍ଦ ଓ ହୀନ ଉଦ୍ଦେଶ୍ୟ, ନୀଚ କାର୍ଯ୍ୟ, ସ୍ୱାର୍ଥ, ଅହଂକାର, ଲୋଭ, ଲାଳସା, ହିଂସା ଦ୍ୱାରା ପରିଭାଷିତ ହୋଇଥାଏ । ଗମ୍ଭୀରତା ପୂର୍ବକ ଚିନ୍ତା କଲେ, ଆଜିର ପରିସ୍ଥିତି ଓ ଆଜିର ବାତାବରଣ କ'ଣ ସେହିପରି ମାନସିକତାର ପ୍ରତୀକ ହୋଇଯାଇଥିବା ପରି ମନେହେଉ ନାହିଁ ? ବର୍ତ୍ତମାନର ସମୟକୁ ଦେଖିଲେ ଜଣାପଡୁଛି ସତେ ଯେମିତି ଫେସନରେ ସ୍ୱାର୍ଥ ଓ ସଂକୀର୍ଣ୍ଣତା ଛାଇଯାଇଛି ଏବଂ ନିଜର ହିତଗୁଡ଼ିକୁ ପୂର୍ଣ୍ଣ କରିବାର ଅନ୍ଧଦୌଡ଼ରେ ଲୋକେ ସଜ୍ଜନତା ଓ ମାନବତାର ଶବଯାତ୍ରା ବାହାର କରିବାରେ ସଂକୋଚ କରୁ ନାହାନ୍ତି । ଆଜିର ସମୟରେ ଧନ, ସାଧନ, ସୁବିଧା ଆଦି ବୃଦ୍ଧି ପାଇଥିବା କଥା ତ ଠିକ, କିନ୍ତୁ ଆଜି ସେତିକି ତୀବ୍ରତାର ସହିତ ଚରିତ୍ରର ପତନ ହୋଇଥିବା, ଭାବନାଗୁଡ଼ିକ ସଂକୁଚିତ ହୋଇଥିବା ଏବଂ ପରସ୍ପର ସ୍ନେହ-ବିଶ୍ୱାସର ସ୍ଥାନ ଶଙ୍କା, ସନ୍ଦେହ ଓ କଠୋରତା ଗ୍ରହଣ କରିନେଇଥିବା କଥା କ'ଣ ସତ୍ୟ ନୁହେଁ ?

ଆଜି ସଚ୍ଚୋଟତା, କର୍ତ୍ତବ୍ୟପରାୟଣତା ଓ ବିଶ୍ୱସନୀୟତା ଏତେ ଦ୍ରୁତ ବେଗରେ ତଳକୁ ଖସିଯାଉଛି ଯେ ବ୍ୟକ୍ତିର ମନରେ ସମାଜର ସଂକୋଚ, ପ୍ରଶାସନର ଭୟ ତଥା ଈଶ୍ୱରୀୟ ନ୍ୟାୟ ବ୍ୟବସ୍ଥା ଉପରେ ସାମାନ୍ୟ ମାତ୍ର ଭରସା ନାହିଁ, ଏହା କେତେ ବଡ଼ ଦୁର୍ଭାଗ୍ୟ ସତେ ! ପରିଣାମ ସ୍ୱରୂପ ଯେଉଁ ମାନବୀୟ ଜୀବନକୁ ଆମେ ପରମେଶ୍ୱର ପ୍ରଦତ୍ତ ସୌଭାଗ୍ୟ ଗୁଡ଼ିକ ମଧରେ ସବା ଉପରେ ଗଣନା କରୁଥିଲେ, ତାହାର ମୂଲ୍ୟ ଶୂନ୍ୟ ହୋଇଯାଇଛି ଏବଂ ଏହି ଦେବଦୁର୍ଲଭ ଜୀବନ କେବଳ ଦ୍ୱନ୍ଦ, ଜଟିଳତା, ସମସ୍ୟା, ଝଞ୍ଜଟ ଓ ପାପଗୁଡ଼ିକୁ ସାଉଁଟିବାରେ ହିଁ ବିତିଯାଉଛି ।

ହୁଏତ କାହାକୁ ଏସବୁ କଥା ଆଳଙ୍କାରିକ ଲାଗିପାରେ, କିନ୍ତୁ ଏଭଳି ସ୍ଥିତିରେ ଆମେ ସ୍ୱୟଂକୁ ପଚାରି ଦେଖିବା ଦରକାର ଯେ ଆମକୁ କ'ଣ ଆମର ମନରେ ଆନନ୍ଦ, ହୃଦୟରେ ଶାନ୍ତି ଓ ଚିନ୍ତନରେ ସ୍ଥିରତା ଅନୁଭବ ହେଉଛି । ପ୍ରକୃତରେ ଏପରି ଅନୁଭବ ହୋଇପାରୁ ନାହିଁ; କାରଣ ଆଜିର ବାତାବରଣ ହିଁ ଅନ୍ଧକାରର, ତମସାର ବାତାବରଣ । ଏସବୁ ପରିସ୍ଥିତି ପ୍ରାୟ ସେହିପରି, ଯେପରି କେବେ ଭଗବାନ ରାମଙ୍କ ଅବତରଣ ସମୟରେ ଥିଲା । ଆଜି ମଧ ସେପରି ଏକ ପ୍ରୟାସର ଆବଶ୍ୟକତା ରହିଛି, ଯେପରି ପ୍ରୟାସ ଭଗବାନ ରାମଙ୍କ ଲୀଳା ପ୍ରସଙ୍ଗ ସମୟରେ କରାଯାଇଥିଲା ।

ଅବତାରୀ ସତ୍ତାମାନଙ୍କ ଆଗମନର ଉଦ୍ଦେଶ୍ୟ ମଧ କିଛି ସେହିପରି ହୋଇଥାଏ । ମହାପୁରୁଷ ଓ ଅବତାରଙ୍କ ମଧରେ ଯେଉଁ ପାର୍ଥକ୍ୟ ଥାଏ, ତାହା ହେଉଛି – ମହାପୁରୁଷମାନଙ୍କ ଜୀବନ ନିଶ୍ଚିତ ରୂପେ ପ୍ରେରକ, ଅନୁକରଣୀୟ, ବିଖ୍ୟାତ ଓ ଲୋକପ୍ରିୟ ହୋଇଥାଏ, କିନ୍ତୁ ଅବତାରମାନଙ୍କ ଜୀବନରେ ଏ ସମସ୍ତ ବିଶେଷତା ଅତିରିକ୍ତ ଆଉ ଏକ ବିଶେଷତା ଥାଏ, ସେମାନେ କାଳଚକ୍ରର ଦିଶା ପରିବର୍ତ୍ତନ କରିବା ପାଇଁ ଆସନ୍ତି । ସାରାଂଶରେ କହିଲେ, ମହାପୁରୁଷ ଓ ଅବତାର-ଉଭୟଙ୍କ ଜୀବନର ଉଦ୍ଦେଶ୍ୟ ଲୋକଶିକ୍ଷଣ ହୋଇଥାଏ, କିନ୍ତୁ ଅବତାର ଏହା ଅତିରିକ୍ତ ଆଉ ଏକ କାର୍ଯ୍ୟ ସମ୍ପନ୍ନ କରନ୍ତି ଏବଂ ତାହା ହେଉଛି ବାତାବରଣର ପ୍ରବାହକୁ ପରିବର୍ତ୍ତନ କରିବା ।

ଅବତାରମାନଙ୍କ ଜୀବନ ପ୍ରସଙ୍ଗର ଉଦ୍ଦେଶ୍ୟ କେବଳ ଉତ୍ତମ ବିଚାର ଓ ଶୁଭ ଶିକ୍ଷାଗୁଡ଼ିକୁ ପ୍ରସାରିତ କରିବା ହୋଇ ନଥାଏ, ବରଂ ସେମାନଙ୍କ କାର୍ଯ୍ୟ ବାତାବରଣକୁ ନୂତନ ଓ ସକାରାତ୍ମକ ଦିଶା ପ୍ରଦାନ କରିବା ମଧ ହୋଇଥାଏ । ଅନ୍ଧକାରର ପରିସ୍ଥିତି ଥିଲେ ସେମାନେ କେବଳ ଏକ ପ୍ରକାଶପୁଞ୍ଜ ଭଳି ଚମକନ୍ତି ନାହିଁ, ବରଂ ସେମାନେ ପ୍ରକାଶକୁ ସ୍ଥାପିତ ମଧ କରନ୍ତି ।

ଏହାକୁ କିଛି ଏପରି ଭାବରେ ବୁଝିପାରିବା ଯେ ଅନ୍ଧକାରରେ ପ୍ରକାଶ ଆଣିବାର କାର୍ଯ୍ୟ ଗୋଟିଏ ମହମବତି କରିଥାଏ, ଏକ ଟର୍ଚ୍ଚ ବି କରିଥାଏ ଏବଂ ଗୋଟିଏ ମଶାଲ ମଧ କରିଥାଏ, କିନ୍ତୁ ଏସବୁ ଦ୍ୱାରା କିଛି ସମୟ ପାଇଁ ହିଁ ଅନ୍ଧକାର ଦୂର ହୋଇଥାଏ । ଏହାର ବିପରୀତ ଯେବେ ସୂର୍ଯ୍ୟଙ୍କର ଉଦୟ ହୋଇଥାଏ ତ ସେ କେବଳ ପ୍ରକାଶ ଆଣି ନଥାନ୍ତି, ବରଂ ସକାଳ ମଧ ସ୍ଥାପିତ କରିଥାନ୍ତି ।

ଭଗବାନ ରାମଙ୍କ ଜୀବନ ଏଥିପାଇଁ ଯୁଗାନ୍ତକାରୀ ହୋଇଯାଏ । କାରଣ ତାଙ୍କର ଆଗମନ ସହିତ କେବଳ ଅସୁରତାର ଅନ୍ତ, ଲଙ୍କାର ଅନ୍ତ ହୋଇ ନ ଥାଏ ବରଂ ରାମରାଜ୍ୟର ପ୍ରାରମ୍ଭ ମଧ ହୋଇଥାଏ । ଅବତାରମାନେ ନିଜର ଜୀବନ ମାଧ୍ୟମରେ ଜନସାଧାରଣଙ୍କ ସମ୍ମୁଖରେ ଏଭଳି ଉଦାହରଣ ରଖୁଥାନ୍ତି, ଯେଉଁଥିରୁ ପ୍ରେରଣା ପାଇ ବ୍ୟକ୍ତି ନରରୁ ନାରାୟଣ, ମାନବରୁ ମହାମାନବ ଏବଂ ଲଘୁରୁ ମହାନ୍ ହୋଇପାରେ- ଏହା ହିଁ ସେମାନଙ୍କ ଅବତରଣର ପ୍ରୟୋଜନ ହୋଇଥାଏ । ଏହା ସହିତ ସେମାନେ ଏଭଳି ଅଭିଯାନଗୁଡ଼ିକୁ ଜନ୍ମ ଦିଅନ୍ତି, ଯାହାର ଅଙ୍ଗ ହେବା ଦ୍ୱାରା ମନୁଷ୍ୟ ମଧରେ ଦିବ୍ୟ ଭାବନା, ଉତ୍କୃଷ୍ଟ ବିଚାରଣା ଏବଂ ଆଦର୍ଶବାଦୀ କ୍ରିୟା-ପ୍ରୟାସ ଦୃଷ୍ଟିଗୋଚର ହେବାରେ ଲାଗେ । ସେଥିପାଇଁ ତ ରାମଚରିତ ମାନସରେ ଭଗବାନ ରାମଙ୍କର ବର୍ଣ୍ଣନ କରି ଗୋସ୍ୱାମୀ ତୁଳସୀଦାସଜୀ ଲେଖିଛନ୍ତି -

ବ୍ୟାପକ ବ୍ୟାପ୍ୟ ଅଖଣ୍ଡ ଅନନ୍ତା ।
ଅଖିଳ ଅମୋଘସକ୍ତି ଭଗବନ୍ତା ।।

ମହର୍ଷି ବାଲ୍ମୀକି ମଧ ତାଙ୍କ ଦ୍ୱାରା ରଚିତ ରାମାୟଣରେ କିଛି ଏହିପରି ଲେଖୁଛନ୍ତି- 'ତ୍ରୟାଣାମପି ଲୋକାନାଂ କାର୍ଯ୍ୟାର୍ଥୀ ମମ ସମ୍ଭବାଃ ।' ସେଥିପାଇଁ ରାମଚରିତ ମାନସରେ କାକଭୁଶୁଣ୍ଡିଙ୍କ ଠାରୁ ଏହି ବଚନ ବାହାରିଛି -

ଉଦର ମାଝ ସୁନୁ ଅଣ୍ଡଜ ରାୟା ।
ଦେଖେଉଁ ସବୁ ବ୍ରହ୍ମାଣ୍ଡ ନିକାୟା ।
ଅତି ବିଚିତ୍ର ତହଁ ଲୋକ
ଅନେକା ।
ରଚନା ଅଧିକ ଏକ ତେ ଏକା ।।
କୋଟି ଚତୁରାନନ ଗୌରୀସା ।
ଅଗନିତ ଉଡଗନ ରବି
ରଜନୀସା ।।
ଅଗଣିତ ଲୋକପାଳ ଜମ କାଲା ।
ଅଗନିତ ଭୂଧର ଭୂମି ବିସାଲା ।

ଏହି ଦୃଷ୍ଟିରୁ ଦେଖିଲେ ଭଗବାନ ରାମଙ୍କ ଚରିତ୍ର ଆମକୁ ପ୍ରତ୍ୟେକ ପ୍ରାଣୀ ମଧରେ ପରମାତ୍ମାଙ୍କ ଦର୍ଶନର ପ୍ରେରଣା ଦେଇଥାଏ । କଣ କଣରେ ଭଗବାନଙ୍କୁ ଦେଖି, ପ୍ରତ୍ୟେକ ଅଂଶରେ ପରବ୍ରହ୍ମଙ୍କୁ ଦେଖି ଯିଏ ଜୀବନଯାପନ କରିଥାଏ, ତା' ଭିତରେ ସଦ୍‌ଭାବନା, ସଦ୍‌ବିଚାରଣା ଓ ସତ୍‌ପ୍ରବୃତ୍ତିଗୁଡ଼ିକ ସ୍ୱତଃ ବିକଶିତ ହୋଇଯାଏ । 'ସୀୟ ରାମମୟ ସବ ଜନ ଜାନୀ । କରଉଁ ପ୍ରନାମ ଜୋରି ଜୁଗ ପାନୀ ।''ର ଭାବରେ ଶ୍ରୀରାମଙ୍କ ପୂଜନ ଦ୍ୱାରା ଏହି ପ୍ରେରଣାଗୁଡ଼ିକୁ ହୃଦୟଙ୍ଗମ କରିବାର ପ୍ରୟାସ ଆମେ କରିବା ଉଚିତ ।

# ଆସୁରୀ ବ୍ୟକ୍ତିର ଚରିତ୍ର

**ଆ**ସୁରୀ ପ୍ରବୃତ୍ତି ଯୁକ୍ତ ମନୁଷ୍ୟମାନେ ନିଜକୁ ଶ୍ରେଷ୍ଠ ମାନି, ଅହଂକାର, ଧନ ଓ ମାନର ମଦରେ ଚୁର୍ ରହୁଥିବା ତଥା କେବଳ ଦେଖାଇହେବା ପାଇଁ, ଅବିଧିପୂର୍ବକ, ଦମ୍ଭରେ ପୂର୍ଣ୍ଣ ହୋଇ ନାମକୁ ମାତ୍ର ଯଜ୍ଞ କରିଥାନ୍ତି । ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟମାନଙ୍କର ମୂଳ ରୁଚି ନିଜର ଅହଂକାର ପୂର୍ତ୍ତିରେ ହିଁ ଥାଏ, ତେଣୁ ସେମାନେ ନିଜକୁ ଶ୍ରେଷ୍ଠତମ ମାନିଥାନ୍ତି । ସେମାନେ ଭାବନ୍ତି ଯେ ସେମାନଙ୍କ ଉପରେ ଆଉ କେହି ନାହାନ୍ତି । ସେମାନଙ୍କ ସକାଶେ ପ୍ରଗତିର ଅର୍ଥ ପ୍ରତିଦ୍ୱନ୍ଦିତା ହିଁ ହୋଇଯାଏ । ସେମାନେ ସ୍ୱୟଂ ଜୀବନରେ ଆଗକୁ ବଢ଼ିବା ବା ପ୍ରଗତି କରିବାରେ ସନ୍ତୁଷ୍ଟ ହୁଅନ୍ତି ନାହିଁ, ବରଂ ସେମାନେ ଅନ୍ୟମାନଙ୍କ ତୁଳନାରେ ଆଗକୁ ବଢ଼ିବା ଚାହିଁଥାନ୍ତି । ଏହା ହିଁ ସେମାନଙ୍କ ଜୀବନର ପ୍ରମୁଖ ଲକ୍ଷ୍ୟ ହୋଇଯାଏ । ଏପରି ପ୍ରବୃତ୍ତି ଯୁକ୍ତ ମନୁଷ୍ୟମାନେ ଯଦି ଧର୍ମ କରନ୍ତି ତ ସେମାନଙ୍କ ଧର୍ମ ମଧ୍ୟ ଧନର ପ୍ରଦର୍ଶନ ଓ ମଦର ସନ୍ତୁଷ୍ଟିରେ ବଦଳି ଯାଇଥାଏ । ଯଦି ସେମାନେ ମନ୍ଦିର ନିର୍ମାଣ କରନ୍ତି ତ ସେଥିରେ ସୁନା ଖଚିତ ହେବା, ତାହା ସବୁଠାରୁ ବଡ଼, ସବୁଠାରୁ ଭବ୍ୟ ଓ ସବୁଠାରୁ ବିଶାଳ ହେବା ଚାହିଁଥାନ୍ତି । ସେମାନେ ଯଜ୍ଞ କଲେ ବି ସେଥିରେ ନିହିତ ଦେବତ୍ୱକୁ, ତ୍ୟାଗ-ବଳିଦାନର ଭାବକୁ ଭୁଲିଯାନ୍ତି ଏବଂ କୋଟି କୋଟି ଟଙ୍କାର ପ୍ରଦର୍ଶନକୁ ଯଜ୍ଞ ବୋଲି ମାନିଥାନ୍ତି । ଦେଖିବାକୁ ଗଲେ, ଏହା ସେମାନଙ୍କ ଅହଂକାର ଯାତ୍ରାର ଏକ ଅଙ୍ଗ । ସେମାନଙ୍କ ପାଇଁ ଧର୍ମ କେବଳ ନିଜର ଅହଂକାରକୁ, ନିଜର ଶ୍ରେଷ୍ଠତାକୁ ସିଦ୍ଧ କରୁଥିବା ଏକ ପ୍ରୟୋଜନ ହୋଇ ରହିଯାଏ ।

ଆସୁରୀ ପ୍ରବୃତ୍ତି ଯୁକ୍ତ ମନୁଷ୍ୟମାନେ ଅନ୍ୟମାନଙ୍କ ସହିତ ପ୍ରତି ସ୍ପର୍ଦ୍ଧା ରଖିବା କାରଣରୁ ଯଜ୍ଞାଦି କର୍ମ କରିବାକୁ ମନ ବଳାଇଥାନ୍ତି, ଯଦ୍ୱାରା ସେମାନଙ୍କୁ ପ୍ରସିଦ୍ଧି ମିଳି ପାରିବ । ଈଶ୍ୱର ଓ ପ୍ରକୃତି ଉପରେ ବିଶ୍ୱାସ ନ ହେବା କାରଣରୁ ସେମାନଙ୍କ ଦୃଷ୍ଟି ଶାସ୍ତ୍ରୋକ୍ତ ବିଧି ଉପରେ ମଧ ନ ଥାଏ । ଏହି କାରଣରୁ ସେମାନଙ୍କର ଏହି ସମସ୍ତ ପ୍ରଯତ୍ନ ଆଡ଼ମ୍ବର ହୋଇଯାଏ ଏବଂ କରାଯାଉଥିବା ଧର୍ମାର୍ଥ କାର୍ଯ୍ୟ ମଧ ଏକ ପ୍ରକାରର ଛଳନା ହୋଇଥାଏ । ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟମାନେ ଏପରି ଛଳନା କରି ମଧ ନିଜକୁ ଶ୍ରେଷ୍ଠ ମାନିବାର ଅଭିମାନ ଓ ଅହଂକାରରେ ବୁଡ଼ି ରହିଥାନ୍ତି ।

ଅହଂକାର, ବଳ, ଦର୍ପ, କାମନା ତଥା କ୍ରୋଧର ଆଶ୍ରୟ ନେଉଥିବା ଆସୁରୀ ବୃତ୍ତି ଯୁକ୍ତ ମନୁଷ୍ୟମାନେ ଅନ୍ୟମାନଙ୍କର ନିନ୍ଦା କରିଥାନ୍ତି ତଥା ଅନ୍ୟମାନଙ୍କ ଶରୀରରେ ସ୍ଥିତ ମୁଁ ଅର୍ଥାତ୍ ଅନ୍ତର୍ଯାମୀଙ୍କ ପ୍ରତି ଦ୍ୱେଷ କରିଥାନ୍ତି । ଆସୁରୀ ବୁଦ୍ଧି ଯୁକ୍ତ ମନୁଷ୍ୟମାନେ ନିଜ ଜିଦ୍‌ରେ ଦୃଢ଼ ରହିଥାନ୍ତି ଏବଂ ନିଜର ମିଥ୍ୟା ଜ୍ଞାନକୁ ହିଁ ସତ୍ୟ ମାନିଥାନ୍ତି । ସେମାନେ ସ୍ୱୟଂ ଦୁଃଖୀ ହୋଇଥାନ୍ତି, ତେଣୁ ଅନ୍ୟମାନଙ୍କୁ ଦୁଃଖ ଦେବାରେ ସେମାନଙ୍କୁ ଆନନ୍ଦ ମିଳିଥାଏ । ସେମାନଙ୍କୁ ଅନ୍ୟ କାହା ମଧରେ ଗୁଣ ଦେଖାଯାଇ ନ ଥାଏ, କେବଳ ଦୋଷ ଦେଖା ଯାଇଥାଏ । ତେଣୁ ସେମାନେ ନିଜର ସମସ୍ତ ମନୋଯୋଗ ଅନ୍ୟମାନଙ୍କ ନିନ୍ଦା କରିବାରେ ତଥା ସେମାନଙ୍କ ପ୍ରତି ଦୋଷଦୃଷ୍ଟି ରଖିବାରେ ଲଗାଇ ଦେଇଥାନ୍ତି । ଏପରି ମନୁଷ୍ୟମାନଙ୍କ ଅହଂକାର ସେମାନଙ୍କୁ ନିଜ ବଳର ପ୍ରୟୋଗ ଅନ୍ୟମାନଙ୍କୁ ହଇରାଣ କରିବାରେ, ସେମାନଙ୍କୁ ଧମକାଇବାରେ, ମାରିବା-ପିଟିବା ତଥା ବିପତ୍ତିଗ୍ରସ୍ତ କରାଇବାରେ ପ୍ରବୃତ୍ତ କରାଇଥାଏ । କାମନାର ଆଶ୍ରୟ ନେଇ ସେମାନେ ଦୁରାଚାର କରିଥାନ୍ତି ଏବଂ କ୍ରୋଧର ବଶୀଭୂତ ହୋଇ କହିଥାନ୍ତି– ଯିଏ ବି ଆମର ପ୍ରତିକୂଳ ହେବ, ଆମେ ତା'ର ଅନିଷ୍ଟ କରିବୁ । ଏପରି ମନୁଷ୍ୟମାନେ ନିଜର ସମସ୍ତ ଶକ୍ତି ଅନ୍ୟମାନଙ୍କର ଦୋଷ ଦେଖିବାରେ, ସେମାନଙ୍କ ନିନ୍ଦା କରିବାରେ, ସେମାନଙ୍କ ପ୍ରତି ଦ୍ୱେଷ ରଖିବାରେ ଖର୍ଚ୍ଚ କରିଦିଅନ୍ତି । କାରଣ ସେମାନଙ୍କୁ ସର୍ବତ୍ର ଦୋଷ ହିଁ ଦୋଷ ଦେଖା ଯାଇଥାଏ ।

ମହାଭାରତରେ ଏ ସନ୍ଦର୍ଭରେ ଗୋଟିଏ ରୋଚକ କଥା ଅଛି । ଥରେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଲେ – ଭଗବାନ ! ସଂସାରରେ ଦୁଃଖ ଓ ସୁଖର କାରଣ କ'ଣ ? ଭଗବାନ କୃଷ୍ଣ ଉତ୍ତର ଦେଲେ- ଅର୍ଜୁନ ! ଦୁଃଖ ଓ ସୁଖର ଅନ୍ତର ମନୁଷ୍ୟର ଦୃଷ୍ଟିକୋଣର ଅନ୍ତର କାରଣରୁ ହୋଇଥାଏ । ଦୁନିଆଁକୁ ଦେଖିବାର ଦୃଷ୍ଟିକୋଣ ଯାହାର ଯେମିତି ହୋଇଥାଏ, ତାକୁ ଦୁନିଆଁ ସେହି ଭଳି ଦେଖା ଯାଇଥାଏ । ଅର୍ଜୁନ ଏହାକୁ ବିସ୍ତାରପୂର୍ବକ ବୁଝାଇବାକୁ ଅନୁରୋଧ କରିବାରୁ ଭଗବାନ ଦୁର୍ଯ୍ୟୋଧନ ଓ ଯୁଧିଷ୍ଠିରଙ୍କୁ ଡାକି ଗୋଟିଏ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଦେଲେ । ଏହା ପରେ ସେ ଦୁର୍ଯ୍ୟୋଧନକୁ କହିଲେ– 'ଦୁର୍ଯ୍ୟୋଧନ ! ଏହି ମୁଦ୍ରାକୁ ନେଇ ନଗରକୁ ଯାଅ ଏବଂ ଯେଉଁ ବ୍ୟକ୍ତିକୁ ସବୁଠାରୁ ଗୁଣବାନ୍ ଦେଖିବ, ତାକୁ ତୁମେ ଏହା ଦେଇଦେବ । ସନ୍ଧ୍ୟା ବେଳକୁ ତୁମେ ନିଶ୍ଚୟ ଫେରି ଆସିବ ।

ଏହା ପରେ ସେ ଯୁଧିଷ୍ଠିରଙ୍କୁ ମଧ ଗୋଟିଏ ସ୍ୱର୍ଣ୍ଣମୁଦ୍ରା ଦେଲେ ଓ କହିଲେ - ଯୁଧିଷ୍ଠିର ! ତୁମେ ଏହି ମୁଦ୍ରାକୁ ନେଇ ନଗରକୁ ଯାଅ ଏବଂ ଯେଉଁ ବ୍ୟକ୍ତିକୁ ସବୁଠାରୁ ଅଧିକ ଦୋଷ ଯୁକ୍ତ ଦେଖିବ, ତାକୁ ଦେଇଦେବ । ସନ୍ଧ୍ୟାରେ ଉଭୟ ମୁଦ୍ରାକୁ ଧରି ଫେରି ଆସିଲେ । ଦୁର୍ଯ୍ୟୋଧନକୁ ନଗରରେ ଜଣେ ହେଲେ ଗୁଣବାନ୍ ବ୍ୟକ୍ତି ଦେଖାଗଲେ ନାହିଁ; କାରଣ ତା'ର ଦୋଷପୂର୍ଣ୍ଣ ଦୃଷ୍ଟି ଉତ୍ତମରୁ ଉତ୍ତମ ବ୍ୟକ୍ତି ମଧରେ କୌଣସି ନା କୌଣସି ଦୋଷ ଦେଖିନେଲା ।

**ଅବଶିଷ୍ଟାଂଶ ୫ମ ପୃଷ୍ଠାରେ**

**ଆଜିର ଚିନ୍ତନ**

**ମୋ**ଗଲ ସମ୍ରାଟ ବାହାଦୁର ଶାହ ଜାଫର ରେଙ୍ଗୁନରେ ନିର୍ବାସିତ ଜୀବନ ବିତାଉଥିଲେ । ତାଙ୍କୁ ଅଭାବଗ୍ରସ୍ତ ଜୀବନଯାପନ କରୁଥିବାର ଦେଖି ତାଙ୍କର ଜଣେ ଶୁଭଚିନ୍ତକ ତାଙ୍କୁ ପଚାରିଲା– ଆପଣ ମୌନ ରହି ଏତେ କଷ୍ଟ ସହି ଯାଉଛନ୍ତି କାହିଁକି ? ତାହାର ବିରୋଧ କାହିଁକି କରୁ ନାହାନ୍ତି ? ବାହାଦୁର ଶାହ ଜାଫର ଶାନ୍ତ ସ୍ୱରରେ ଉତ୍ତର ଦେଲେ– ବିରୋଧର ଆବଶ୍ୟକତା କ'ଣ ଅଛି ? ମୋ ଦ୍ୱାରା ଯେଉଁ ଅପରାଧ ହୋଇଛି, ତାହାକୁ ତ ମୁଁ ପ୍ରାୟଶ୍ଚିତ୍ତ କରୁଛି । ଶୁଭଚିନ୍ତକ ପୁଣି ପଚାରିଲା– ''କେଉଁ ଅପରାଧ ଆପଣ କରିଛନ୍ତି ।

ବାହାଦୁର ଶାହ ଜାଫର କହିଲେ– 'ମୁଁ ଏକ ଅଖଣ୍ଡ ରାଷ୍ଟ୍ରର ସମ୍ରାଟ ଥିଲି ଏବଂ ତାହାର ଅଧିପତି ହୋଇଥିବା ଦୃଷ୍ଟିରୁ ତାହାର ସୀମାକୁ ଅକ୍ଷୁର୍ଣ୍ଣ ରଖିବା ମୋର ନୈତିକ ଦାୟିତ୍ୱ ଥିଲା । ଯେତେବେଳେ ତାହାକୁ ମୋ ସଂରକ୍ଷଣର ଆବଶ୍ୟକତା ଥିଲା, ସେତେବେଳେ ମୁଁ ନିଜର କର୍ତ୍ତବ୍ୟ ପ୍ରତି ମୁହଁ ମୋଡ଼ିନେଲି ଏବଂ ଆଜି ସେଇ ରାଷ୍ଟ୍ର ଇଂରେଜଙ୍କ ହାତରେ ବନ୍ଧା ପଡ଼ିଯାଇଛି । ଦାୟିତ୍ୱ ପ୍ରତି ମୁହଁ ମୋଡ଼ିନେବା ହିଁ ମୋର ଅପରାଧ, ଯାହାର ପ୍ରାୟଶ୍ଚିତ୍ତ ମୁଁ ମରିଗଲେ ବି କରି ପାରିବି ନାହିଁ ।

ଟିକେ ଅଟକିଯାଇ ବାହାଦୁର ଶାହ ଜାଫର ସେହି ମିତ୍ରକୁ ପୁଣି କହିଲେ–ଯଦି କିଛି କରି ପାରିବ ତ ଏତିକି କରିବ ଯେ ଏଠାରେ ମୋର କବର ତିଆରି କରିଦେବ । ବଞ୍ଚିଥିବା ବେଳେ ମୁଁ ଯେଉଁ ରାଷ୍ଟ୍ରର ରକ୍ଷା କରି ପାରିଲି ନାହିଁ, ମୃତ୍ୟୁ ପରେ ସେହି ରାଷ୍ଟ୍ରକୁ ଯିବା ଶୋଭା ପାଇବ ନାହିଁ । ଜୀବନ ପ୍ରତ୍ୟେକ ବ୍ୟକ୍ତିକୁ ସୁଯୋଗ ପ୍ରଦାନ କରିଥାଏ, ନିଜର କର୍ତ୍ତବ୍ୟଗୁଡ଼ିକୁ ପାଳନ କରୁଥିବା ବ୍ୟକ୍ତି ସୌଭାଗ୍ୟର ଅଧିକାରୀ ହୁଅନ୍ତି ଏବଂ ସେଥିପ୍ରତି ବିମୁଖ ହେଉଥିବା ବ୍ୟକ୍ତି ପଶ୍ଚାତ୍ତାପ କରନ୍ତି ।

ବର୍ଷ ୨୭, ସଂଖ୍ୟା- ୪୭, ୧୯ - ୨୫ ନଭେମ୍ବର ୨୦୨୩

# ଧନୀ- ଗରିବ ଆୟ ବ୍ୟବଧାନ ବଢୁଛି

**କେ**ନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଗତ ଅକ୍ଟୋବରର ଆର୍ଥିକ ରିପୋର୍ଟ ଅନୁଯାୟୀ ପ୍ରଥମତଃ ଘରୋଇ ଚାହିଦା ଓ ଉପଭୋଗ ବଢ଼ିଥିବାରୁ ଭାରତର ଅଭିବୃଦ୍ଧି ସମ୍ଭାବନା ମଜଭୂତ ହୋଇଛି । ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ଭାବେ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି । ଅଧିକାଂଶ ସ୍ୱାଧୀନ ସଂସ୍ଥା ସମାନ ପୂର୍ବାନୁମାନ କରିଛନ୍ତି । ଭାରତ ବିଶ୍ୱର ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତି ବୋଲି ଏହି ରିପୋର୍ଟ ଗୁଡ଼ିକରେ କୁହାଯାଇଛି । ଚାହିଦା ବଢୁଥିବାର ଏକ ବିଶ୍ୱସନୀୟ ତଥ୍ୟ ଦେଖାଯାଇଛି । ଅକ୍ଟୋବରରେ ଦ୍ରବ୍ୟ ଓ ସେବା ଟିକସ (ଜିଏସ୍‌ଟି) ସଂଗ୍ରହ ଦ୍ୱିତୀୟ ସର୍ବାଧିକ । ଗତ କିଛି ମାସ ହେଲା କାର୍ ବିକ୍ରି ଯଥେଷ୍ଟ ବଢ଼ିଛି । ସେହିପରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ନିର୍ମାଣ ବାବଦ ଖର୍ଚ୍ଚ ମଧ ସର୍ବାଧିକ ରହିଛି । ଘରୋଇ ସେକ୍ଟର ପୁଞ୍ଜି ସୃଷ୍ଟି ମଧ ଶୀର୍ଷରେ ରହିଛି ।

ତେବେ ବାସ୍ତବ ସ୍ଥିତି ଅନୁଧାନ କଲେ ଦେଖାଯାଉଛି ଯେ, ଚାହିଦାକୁ ନେଇ ଯାହା କୁହାଯାଉଛି, ସେଥିରେ କେତେକ ଦୁର୍ବଳତା ରହିଛି । କାରଣ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଉଚ୍ଚମଧବିତ୍ତ ଆୟକର ଓ ତଦୂର୍ଦ୍ଧ୍ୱ ବର୍ଗଙ୍କ ଉପରେ ଆଧାରିତ । ସମଗ୍ର ଦେଶର ସ୍ଥିତି ସମାନ ନୁହେଁ । କାରଣ ଗ୍ରାମୀଣ ଭାରତ ଏବେ ମାନ୍ଦାବସ୍ଥାରେ ବୁଡ଼ିରହିଛି । ଏପରିକି ସହରାଞ୍ଚଳର କେତେକ ବେତନଭୋଗୀ ଗୋଷ୍ଠୀ ମଧ ମାନ୍ଦାବସ୍ଥାରୁ ବାଦ୍ ପଡ଼ିନାହାନ୍ତି । କୋଭିଡ୍ – ୧୯ ମହାମାରୀ ପରଠାରୁ ସୁଧାର ଇଂଲିଶ 'କେ' ଆକୃତିର ହୋଇଛି । ଧନୀ ଅଧିକ ଧନୀ ହେଉଥିବା ବେଳେ ଗରିବ ଅଧିକରୁ ଅଧିକ ଦାରିଦ୍ର୍ୟ ମଧକୁ ଠେଲି ହୋଇ ଯାଉଛନ୍ତି । ଆକଳନ ଅନୁଯାୟୀ ୨୦୨୬ ବେଳକୁ ଭାରତରେ ଅତି ଧନୀ (ନିୟୁତପତି) ଙ୍କ ସଂଖ୍ୟା ଦୁଇଗୁଣ ହେବା ଆଶା କରାଯାଉ ଥିବାବେଳେ ବିଳାସ ସାମଗ୍ରୀ ବଜାର ୨୦୩୦ ବେଳକୁ ୩ ଗୁଣା ହେବ । ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଖାଉଟି ବ୍ୟବହାର ଓ ମଜୁରୀ ସ୍ଥିର ରହିଛି । ଏପରିକି ଦରଦାମ୍ ବୃଦ୍ଧି (ମୁଦ୍ରାଙ୍ଗୀତି) ସହ ତାଳଦେଇ ସହରାଞ୍ଚଳ ଆୟ ମଧ ବଢ଼ିପାରି ନାହିଁ । ଭାରତର ଜିଡିପି ଅଭିବୃଦ୍ଧି ଭଲ ରହିଛି, ତେବେ ଏହା କେବଳ ଶୀର୍ଷ ଧନୀମାନଙ୍କୁ ଯାଉଛି । ଏଥିରେ ସୁଧାର ଆଣିବାକୁ ହେବ । ବିଶ୍ୱ ଅସମାନତା ରିପୋର୍ଟ, ୨୦୨୨ ଅନୁଯାୟୀ ଭାରତରେ ଆୟ ଏବଂ ସମ୍ପତ୍ତିରେ ଅସମାନତା ଅତ୍ୟଧିକ ବଢ଼ିଛି । ପୂର୍ବତନ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା କୌଶିକ ବସୁ 'ଏକ୍ସ'ରେ ଏହା ଲେଖିଛନ୍ତି । ରିପୋର୍ଟରେ ଭାରତକୁ ସବୁଠୁ ଅସମାନ ଦେଶ ଭାବେ ଉଲ୍ଲେଖ କରାଯାଇଛି । ମହାମାରୀ ପରବର୍ତ୍ତୀ ସ୍ଥିତିକୁ ଦେଖିଲେ ଧନୀ-ଗରିବଙ୍କ ମଧରେ ଆୟ ବ୍ୟବଧାନ ଯଥେଷ୍ଟ ବଢ଼ିଛି । ରିପୋର୍ଟ ଅନୁଯାୟୀ ୧୦ ପ୍ରତିଶତ ଅତି ଧନୀଙ୍କ ଆୟ ସବାତଳେ ଥିବା ୫୦ ପ୍ରତିଶତଙ୍କ ଆୟର ୨୦ ଗୁଣରୁ ଅଧିକ । ଦେଶର ଶୀର୍ଷ ୧ ପ୍ରତିଶତଙ୍କ ପାଖରେ ୨୨ ପ୍ରତିଶତ ସମ୍ପତ୍ତି ଥିବାବେଳେ ତଳ ଭାଗରେ ଥିବା ,୫୦ ପ୍ରତିଶତଙ୍କ ପାଖରେ କେବଳ ଅବଶିଷ୍ଟ ସମ୍ପତ୍ତିର ୧୩ ପ୍ରତିଶତ ରହିଛି । ଦେଶର ଶୀର୍ଷ ୧୦ ପ୍ରତିଶତ ମୋଟ ଆୟର ୫୭%ରୁ ଅଧିକ କରୁଥିବାବେଳେ ସେମାନେ ହିଁ ଚାହିଦା ଓ ବ୍ୟବହାରକୁ ବଢ଼ାଉଛନ୍ତି ।

ଦୁଇଟି କ୍ଷେତ୍ରକୁ ଦେଖିଲେ ଚାହିଦା ତାରତମ୍ୟର ପ୍ରମାଣ ମିଳିଯିବ । ତାହା ହେଲା ଗାଡ଼ି ଏବଂ ରିଅଲ ଇଷ୍ଟେଟ୍ ସେକ୍ଟର । ଚଳିତ ଆର୍ଥିକ ବର୍ଷରେ କାର୍ ବିକ୍ରି ଯଥେଷ୍ଟ ବଢ଼ିଛି । ଏହା ୪୦ ଲକ୍ଷ ୟୁନିଟ୍ ଅତିକ୍ରମ କରିବା ଆଶା ରହିଛି । ବିଶେଷ କରି ୧୦ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ କାର୍ ବିକ୍ରି ଅଧିକ ବଢ଼ିଛି, ଯାହା ଧନୀମାନେ ହିଁ କିଣିଥାନ୍ତି । ଅନ୍ୟପକ୍ଷରେ ଦୁଇଚକିଆ ଯାନ ବିକ୍ରି ମହାମାରୀ ପରେ କମିଛି । ୨୦୧୯ ଆର୍ଥିକ ବର୍ଷରେ ୨.୧୨ କୋଟି ବାଇକ୍ ବିକ୍ରି ହୋଇଥିବା ବେଳେ ୨୦୨୩ ଆର୍ଥିକ ବର୍ଷରେ ତାହା ୫୩ ଲକ୍ଷ ହ୍ରାସ ପାଇଁ ୧.୫୯ କୋଟି ରହିଥିବା ଆଇସିଆର୍‌ଏ ତଥ୍ୟରୁ ଜଣାପଡ଼ିଛି । ସାଧାରଣ ବର୍ଗର ଲୋକେ ଦୁଇଚକିଆ ଯାନ କିଣିଥାନ୍ତି । ସେହିପରି ରିଅଲ ଇଷ୍ଟେଟ୍ ସେକ୍ଟର, ଯାହା ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ସୃଷ୍ଟି କରିଥାଏ, ତାହା ୨୦୩୦ ବେଳକୁ ୧ ଟ୍ରିଲିୟନ ଡଲାର ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି । ତେବେ ଲକଜୁରି ଘର ଚାହିଦା ବଢୁଥିବାବେଳେ ଶସ୍ତା ଘର ପାଇଁ ଚାହିଦା ହ୍ରାସ ପାଇଚାଲିଛି । ପ୍ରପର୍ଟି କନସଲାଣ୍ଟ ଆନାରକ୍‌ର ତଥ୍ୟ ଅନୁଯାୟୀ ୧.୫ କୋଟି ଟଙ୍କା ଓ ତଦୂର୍ଦ୍ଧ୍ୱ ମୂଲ୍ୟର ବିଳାସପୂର୍ଣ୍ଣ ଘର ବିକ୍ରି ୨୦୨୩ର ପ୍ରଥମ ୯ ମାସରେ ଗତବର୍ଷ ଏହି ସମୟ ତୁଳନାରେ ୧୧୫ ପ୍ରତିଶତ ବଢ଼ିଛି । ଅନ୍ୟପକ୍ଷରେ ୮୦ ଲକ୍ଷରୁ କମ୍ ମୂଲ୍ୟର ଘର ବିକ୍ରି ହିଁ ୫୧ ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୨୨ରେ ୬୮ ପ୍ରତିଶତ ଥିଲା । ସେହିପରି ୫୦ ଲକ୍ଷ ଟଙ୍କାରୁ କମ୍ ମୂଲ୍ୟର ଘର ବିକ୍ରି ଚଳିତ ବର୍ଷର ପ୍ରଥମ ୯ ମାସରେ ଦଶନ୍ଧିର ସବୁଠୁ କମ୍ ହୋଇଥିବା କନ୍‌ସଲ୍‌ଟନ ସଂସ୍ଥା ନାଇଟ୍ ଫ୍ରାଙ୍କ ଇଣ୍ଡିଆ ତଥ୍ୟରୁ ଜଣାପଡ଼ିଛି ।

ଏକ ଗବେଷଣାଭିତ୍ତିକ ଅନୁଷ୍ଠାନ 'ପ୍ରାଇସ' ତରଫରୁ କରାଯାଇଥିବା ଏକ ବିଶ୍ଳେଷଣରୁ ଜଣାଯାଇଛି ଯେ ୨୦୪୭ ମସିହା ସୁଦ୍ଧା ଭାରତର ମୋଟ ଆନୁମାନିକ ୧୬୬ କୋଟି ଜନସଂଖ୍ୟାର ୬୧ ଭାଗ ଜନସଂଖ୍ୟା ବା ୧୦୨ କୋଟି ମଧବିତ୍ତ ଶ୍ରେଣୀ ହୋଇଥିବେ । ଏହି ଗବେଷଣାରେ ବାର୍ଷିକ ୫ରୁ ୩୦ ଲକ୍ଷ ଟଙ୍କା ରୋଜଗାର ପରିବାରଗୁଡିକୁ ମଧବିତ୍ତ ଶ୍ରେଣୀ ଭାବରେ ନିଆଯାଇଛି । ଏହି ଗବେଷଣା ଅନୁସାରେ ଦେଖାଯାଇଛି ଯେ ୨୦୧୬ରୁ ୨୦୨୧ ମଧରେ ଧନୀ ଓ ଅତି ଧନୀଙ୍କ ସଂଖ୍ୟା ୧୦ ପ୍ରତିଶତ ବୃଦ୍ଧି ପାଇଥିବା ସ୍ଥଳେ ମଧବିତ୍ତମାନଙ୍କ ସଂଖ୍ୟା ୪ରୁ ୭.୫ ପ୍ରତିଶତ ବୃଦ୍ଧି ପାଇଛି । ନିକଟ ଅତୀତରେ ଦେଶର ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ରିପୋର୍ଟ ପ୍ରକାଶ ପାଇଥିଲା ଓ ସେଥିରେ ଦିଆଯାଇଥିବା ତଥ୍ୟ ମୁତାବକ ଭାରତରେ ପାଖାପାଖି ୪ କୋଟି ଲୋକ ଗରିବ ସ୍ଥିତିରୁ ବାହାରି ଆସିଛନ୍ତି ; କିନ୍ତୁ ସାଧାରଣ ଅର୍ଥରେ ଦେଖିଲେ ସେମାନେ ସିଧା ଧନୀ ଶ୍ରେଣୀରେ ନ ପହଞ୍ଚି ମଧବିତ୍ତ ଶ୍ରେଣୀ ମଧକୁ ପ୍ରବେଶ କରିଛନ୍ତି । ଆମର ଅର୍ଥନୀତି ବ୍ୟବସ୍ଥା ମଧରେ ଜଣେ ଗରିବରୁ ମଧବିତ୍ତ ସ୍ଥିତିରେ ପହଞ୍ଚିବା ପାଇଁ ଯେତେ ସମୟ ଲାଗିବ, ମଧବିତ୍ତରୁ ଧନୀ ସ୍ଥିତିରେ ପହଞ୍ଚିବା ପାଇଁ ଅପେକ୍ଷାକୃତ ଭାବରେ ଅଧିକ ସମୟ ଲାଗିବ । ଏହି ଗରିବମାନେ ଧନୀ ହୋଇନାହାନ୍ତି । ସେମାନେ ନିମ୍ନ ମଧ ବିତ୍ତ ଶ୍ରେଣୀ ମଧକୁ ପ୍ରବେଶ କରିଛନ୍ତି ।

ନିକଟ ଅତୀତରେ ଆର୍‌ବିଆଇ ଦେଶର ମୁଦ୍ରାସ୍ଫୀତି ନିୟନ୍ତ୍ରଣ କରିବାକୁ ଯାଇ ୨୦୨୨ ମସିହାରେ ରେପୋ ହାର ୪ରୁ ୬.୨୫ ପ୍ରତିଶତ ବୃଦ୍ଧି କରିଥିଲେ । ସେହି ବର୍ଷ ଆର୍‌ବିଆଇ ୬ ଥର ବୃଦ୍ଧି କରିଛନ୍ତି । ୨୦୨୩ରେ ମାତ୍ର ଥରେ ବୃଦ୍ଧି କରି ୬.୫୦ ପ୍ରତିଶତରେ ରଖିଛନ୍ତି । ରେପୋ ହାର ବୃଦ୍ଧି ଦ୍ୱାରା ବ୍ୟାଙ୍କ ଋଣ ସୁଧ ହାରରେ ବୃଦ୍ଧି ଘଟିଥାଏ । ଧନୀମାନେ ବର୍ଦ୍ଧିତ ସୁଧ ହାର ଦେବା ପାଇଁ ସମର୍ଥ । ଅଧିକାଂଶ ଗରିବମାନଙ୍କ ପାଇଁ ବ୍ୟାଙ୍କ ଋଣ ଅପହଞ୍ଚ । ତେଣୁ ବର୍ଦ୍ଧିତ ସୁଧର କୁପ୍ରଭାବ ମଧବିତ୍ତଙ୍କ ଉପରେ ହିଁ ଅଧିକ ମାତ୍ରାରେ ପଡିଥାଏ । ଏହିଭଳି ବିଭିନ୍ନ ଅନ୍ତର୍ଜାତୀୟ ଘଟଣାଗୁଡିକ ଆଭ୍ୟନ୍ତରୀଣ ବଜାରରେ ପ୍ରଭାବ ପକାଇଥାଏ । ରୁଷ-ୟୁକ୍ରେନ ଯୁଦ୍ଧ, ଆମେରିକାରେ ବ୍ୟାଙ୍କମାନଙ୍କ ଦେବାଳିଆ ସ୍ଥିତି, ପଡୋଶୀ ଶ୍ରୀଲଙ୍କା ଅର୍ଥନୀତିରେ ଅସ୍ଥିରତା, ଚୀନର ଆର୍ଥିକ ଦୁଃସ୍ଥିତି ଭଳି ଘଟଣାଗୁଡିକ ଆମ ଦେଶର ଆମଦାନୀ ଓ ରପ୍ତାନୀ ଉପରେ ପ୍ରଭାବ ପଡିଥାଏ । ଅନେକ କ୍ଷେତ୍ରରେ ଆମଦାନୀ ଉପରେ କଟକଣା ପାଇଁ ଆଭ୍ୟନ୍ତରୀଣ ବଜାରରେ ଦର ଦାମ ବଢିଥାଏ । ଏହି ସବୁ ଦ୍ରବ୍ୟଗୁଡିକ ମୁଖ୍ୟତଃ ଧନୀ ଓ ମଧବିତ୍ତମାନେ ବ୍ୟବହାର କରିଥାନ୍ତି । ଏହି ଦୁଇ ଗୋଷ୍ଠୀ ମଧରେ ତୁଳନାତ୍ମକ ଭାବରେ ମଧବିତ୍ତଙ୍କୁ ଅଧିକ ଆର୍ଥିକ ବୋଝ ସହିବାକୁ ପଡିଥାଏ । ସେହିପରି ଯେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ହେଉ ବା ଦୁର୍ବଳ ମୌସୁମୀ ଦ୍ୱାରା ଯଦି କୃଷି ଉତ୍ପାଦରେ ହ୍ରାସ ଘଟିଲା ତେବେ ଏହାର ପ୍ରଭାବ ବଜାର ଉପରେ ପଡିଥାଏ । ଏଥିରେ ମଧ ମଧବିତ୍ତମାନେ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ଭାରତରେ 'ମଧବିତ୍ତ' ଆନୁଷ୍ଠାନିକ ଭାବରେ ଏକ ଶ୍ରେଣୀ ହିସାବରେ ପରିଚୟ ପାଇନଥିଲେ ମଧ ନୀତିଗତ ନିଷ୍ପତ୍ତି ନେବା ସମୟରେ ମଧବିତ୍ତଙ୍କ ସମ୍ବନ୍ଧରେ ଅନେକ କଥା କୁହାଯାଇଥାଏ । ବଜେଟ ଉପସ୍ଥାପନ ବେଳେ ସରକାର ମଧବିତ୍ତଙ୍କ ଇଚ୍ଛାକୁ ପୂରଣ କରିଛନ୍ତି ବୋଲି କହିଥାନ୍ତି । ଏହି ଗୋଷ୍ଠୀ ଦେଶ ରାଜସ୍ୱ ଏହି ଶ୍ରେଣୀ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଦେଶ ଅର୍ଥନୀତିରେ ମୁଖ୍ୟ ଭାଗୀଦାରିତା ରହିଛି । ଭବିଷ୍ୟତରେ ମଧ ଦେଶର ଅର୍ଥନିତିକୁ ସୁଦୃଢ଼ କରିବା ପାଇଁ ମଧବିତ୍ତଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ । ତେଣୁ ଲୋକକଲ୍ୟାଣ ଉଦ୍ଦେଶ୍ୟରେ ପ୍ରସ୍ତୁତ ହେଉଥିବା ନୀତିଗୁଡିକ ନିଶ୍ଚିତ ଭାବରେ ଗରିବଙ୍କୁ ପ୍ରାଧାନ୍ୟ ଦେବା ସହିତ ବୃହତ୍ତର ଅର୍ଥନୀତିର ନିରନ୍ତର ବିକାଶ ପାଇଁ ମଧବିତ୍ତଙ୍କୁ ଅନୁରୂପ ଭାବରେ ପ୍ରାଧାନ୍ୟ ଦିଆଯିବାର ଆବଶ୍ୟକତା ରହିଛି ।



## ଧର୍ମ ଗ୍ରନ୍ଥଚୟ

ମହାତ୍ମା ଗାନ୍ଧୀ

**ପୃ**ଥିବୀର ସକଳ ବୃହତ୍ ଧର୍ମରେ ରହିଥିବା ମୌଳିକ ସତ୍ୟଟି ଉପରେ ମୋ'ର ବିଶ୍ୱାସ ରହିଛି, ସେଗୁଡ଼ିକ ସବୁଗୁଡ଼ିକ ଈଶ୍ୱରଦତ୍ତ ବୋଲି ମୁଁ ବିଶ୍ୱାସ କରୁଛି ଏବଂ ମୁଁ ଆହୁରି ବିଶ୍ୱାସ କରୁଛି ଯେ, ଯେଉଁ ମନୁଷ୍ୟମାନଙ୍କ ସହିତ ଏହି ଧର୍ମଗୁଡ଼ିକର ଉଦ୍‌ଘାଟନ କରା ଯାଇଥିଲା, ସେମାନଙ୍କ ନିମନ୍ତେ ସେହି ଧର୍ମଗୁଡ଼ିକର ଆବଶ୍ୟକତା ମଧ ରହିଥିଲା । ମୁଁ ବିଶ୍ୱାସ କରୁଛି ଯେ, ପ୍ରତ୍ୟେକ ଧର୍ମର ଅନୁଗାମୀମାନଙ୍କର ଦୃଷ୍ଟିକୋଣରୁ ଯଦି ଆମେ ଭିନ୍ନ ଭିନ୍ନ ଧର୍ମର ଗ୍ରନ୍ଥଗୁଡ଼ିକୁ ପାଠ କରିବା, ତେବେ ଅବଶ୍ୟ ଦେଖିବାକୁ ପାଇବା ଯେ ସେମାନେ ମୂଳତଃ ପରସ୍ପରଠାରୁ ଏକାନ୍ତ ଅଭିନ୍ନ ଏବଂ ପରସ୍ପରର ଅତ୍ୟନ୍ତ ସହାୟକ ଅଟନ୍ତି । ମଣିଷମାନଙ୍କୁ ପରସ୍ପରଠାରୁ ଅଲଗା କରିଦେବା ପାଇଁ ଧର୍ମମାନଙ୍କର ସୃଷ୍ଟି ହୋଇନାହିଁ, ସେମାନଙ୍କୁ ଏକତ୍ର ବାନ୍ଧି ରଖିବା ପାଇଁ ହିଁ ସେଗୁଡ଼ିକର ସୃଷ୍ଟି ହୋଇଛି ।

ମୋ' ଲାଗି ବେଦ ଈଶ୍ୱରକୃତ ଏବଂ ଅଲିଖିତ । ଲେଖା ହୋଇଥିବା ଅକ୍ଷର ସଂହାର ହିଁ କରେ । ଶବ୍ଦର ମର୍ମହିଁ ଆଲୋକ ଦାନ କରେ । ବେଦର ମର୍ମ ହେଉଛି ପବିତ୍ରତା, ସତ୍ୟ, ଦୋଷଶୂନ୍ୟତା, ଶୁଦ୍ଧଚରିତ୍ରତା, ବିନୟ, ସରଳତା, କ୍ଷମା, ଦିବ୍ୟତା ଏବଂ ଆଉ ଯାହାସବୁ ଗୁଣ ଜଣେ ନର ବା ନାରୀକୁ ଭବ୍ୟତା ତଥା ସାହସ ଆଣି ଦେଇଥାଏ, ସେହି ଯାବତୀୟ ସବୁକିଛି ଗୁଣ ।

ଏକମାତ୍ର ବେଦ ଯେ ଈଶ୍ୱରଙ୍କ ଠାରୁ ନିସୃତ ହୋଇ ଆସିଛି, ମୁଁ ତାହା ବିଶ୍ୱାସ କରେନାହିଁ । ବାଇବେଲ, କୋରାନ୍, ଜେଣ୍ଡ୍ ଆଭେସ୍ତା ମଧ ବେଦଗୁଡ଼ିକ ପରି ସମାନ ଭାବରେ ଭଗବତ୍- ଅନୁପ୍ରେରିତ ହୋଇ ଆସିଛି ବୋଲି ମୋ'ର ବିଶ୍ୱାସ । ହିନ୍ଦୁଧର୍ମର ଗ୍ରନ୍ଥଗୁଡ଼ିକ ଉପରେ ମୋ'ର ବିଶ୍ୱାସ ରହିଛି ବୋଲି କହିବାର ଅର୍ଥ ନୁହେଁ ଯେ ସେଥିରେ ଲେଖାଥିବା ପ୍ରତ୍ୟେକ ଶବ୍ଦ ଓ ପ୍ରତ୍ୟେକ ପଦ ମଧରେ ଭଗବତ୍-ଅନୁପ୍ରେରିତ ବୋଲି ମୋତେ ସ୍ୱୀକାର କରିବାକୁ ହେବ । ଶାସ୍ତ୍ରଗୁଡ଼ିକର କୌଣସି ବ୍ୟାଖ୍ୟା ଯେତେ ଅଧିକ ଜ୍ଞାନପ୍ରସୂତ ହୋଇଥାଉ ପଛକେ, ଯଦି ତାହା ବିବେକବୁଦ୍ଧି କିମ୍ବା ନୈତିକ ବୋଧର ବିରୋଧୀ ହୋଇଥାଏ, ତେବେ ମୁଁ ତାହାକୁ ମାନିବାକୁ କଦାପି ବାଧ ହେବିନାହିଁ ।

ମୁଁ କୌଣସି କଥାକୁ ଆକ୍ଷରିକ ଭାବରେ ଗ୍ରହଣ କରେନାହିଁ । ତେଣୁ ମୁଁ ପୃଥିବୀର ବିଭିନ୍ନ ଧର୍ମଗ୍ରନ୍ଥରେ ରହିଥିବା ମର୍ମଟିକୁ ବୁଝିବାଲାଗି ଚେଷ୍ଟା କରେ । ସେହିସବୁ ଗ୍ରନ୍ଥରେ ଯେଉଁ ସତ୍ୟ ଓ ଅହିଂସାର କଥା କୁହାଯାଇଛି, ବ୍ୟାଖ୍ୟା ପାଇବା ସକାଶେ ମୁଁ ସେଗୁଡ଼ିକୁ ସେହି ମାପକାଠି ସାହାଯ୍ୟରେ ପରୀକ୍ଷା କରେ । ସେହି ପରୀକ୍ଷା ଅନୁସାରେ ଯାହାସବୁ ଅସଙ୍ଗତି ବୋଲି ଲାଗେ, ମୁଁ ସେଗୁଡ଼ିକୁ ପ୍ରତ୍ୟାଖ୍ୟାନ କରେ ଏବଂ ଯାହାକିଛି ସଙ୍ଗତ ମନେହୁଏ, ସେଗୁଡ଼ିକୁ ଗ୍ରହଣ କରେ ।

ବାଇବେଲ୍‌ର ଗିରିଶିଖର ଉପଦେଶ ଏବଂ ଭଗବଦ୍‌ଗୀତା ମଧରେ କୌଣସି ପାର୍ଥକ୍ୟ ଦେଖିବାକୁ ମୁଁ ସମର୍ଥ ହୋଇନାହିଁ । ଗିରିଶିଖର ଉପଦେଶରେ ଆଲେଖପୂର୍ଣ୍ଣ ଶୈଳୀରେ ଯାହାର ବର୍ଣ୍ଣନା କରାଯାଇଛି, ଭଗବଦ୍ ଗୀତାରେ ତାହାକୁ ଏକ ବୈଜ୍ଞାନିକ ସୂତ୍ରରେ ଆଣି ପକାଇ ଦିଆଯାଇଛି । ବୈଜ୍ଞାନିକ କହିଲେ ସାଧାରଣ ସ୍ୱୀକୃତ ଅର୍ଥରେ ଯାହା ବୁଝାଏ, ଭଗବଦ୍‌ଗୀତା ସେଭଳି ଅର୍ଥରେ ବୈଜ୍ଞାନିକ ହୋଇ ନପାରେ ; ମାତ୍ର ପ୍ରେମର ବିଧାନକୁ ଏହାକୁ ମୁଁ ତ୍ୟାଗର ବିଧାନ ବୋଲି କହିବି ସେଥିରେ ଏକ ବୈଜ୍ଞାନିକ ଶୈଳୀରେ ବ୍ୟାଖ୍ୟା କରି ବୁଝାଇ ଦିଆଯାଇଛି । ଗିରିଶିଖର ଉପଦେଶ ସେହି ବିଧାନଟିକୁ ହିଁ ଏକ ଅଦ୍ଭୁତ ଭାଷାରେ ବର୍ଣ୍ଣନା କରିଛି । ବାଇବେଲ୍‌ର 'ପୁରାତନ ସନ୍ଦେଶ' ଭାଗଟିର କେତେକ ଅଂଶ ମୋତେ ଯେପରି ଅରୁଚିକର ଲାଗିଥିଲା, ତା'ପରେ 'ନୂତନ ସନ୍ଦେଶ'ର ଭାଗଟିକୁ ପାଠ କରି ମୁଁ ସେତିକି ସାନ୍ତ୍ୱନା ଏବଂ ଅପାର ଆନନ୍ଦ ଲାଭ କରିଥିଲି । ଆଜି ଯଦି ଗୀତାଗ୍ରନ୍ଥକୁ ମୋ'ପାଖରୁ ନେଇ ନିଆଯାଆନ୍ତା ଓ ଯଦି ମୁଁ ସେଥିରେ ଥିବା ସମସ୍ତ ବିଷୟକୁ ଭୁଲି ଯାଆନ୍ତି, ମାତ୍ର ଯଦି ଗିରିଶିଖର ଉପଦେଶର ନକଲଟିଏ ମୋ' ପାଖରେ ଥା'ନ୍ତା, ତେବେ ବର୍ତ୍ତମାନ ମୁଁ ଗୀତାରୁ ଯେଉଁ ଆନନ୍ଦ ଲାଭ କରୁଛି, ସେଥିରୁ ମଧ ଠିକ୍ ସେହି ଆନନ୍ଦ ହିଁ ଲାଭ କରନ୍ତି ।

ମୋ' ଭିତରେ ଗୋଟିଏ କଥା ରହିଛି, ଏବଂ ସେଇଟି ହେଉଛି ଯେ, ମୁଁ ପ୍ରତ୍ୟେକ ପଦାର୍ଥର ଅନ୍ଧାର ପାଖଟିକୁ ନୁହେଁ, ମାତ୍ର ଆଲୋକ ପାଖଟିକୁ ଦେଖିବାକୁ ହିଁ ଭଲ ପାଏ । ତେଣୁ ଯେକୌଣସି ବୃହତ୍ ଧର୍ମର ଯେକୌଣସି ବୃହତ୍ ପୁସ୍ତକରୁ ମୁଁ ସାନ୍ତ୍ୱନା ଏବଂ ପ୍ରେରଣା ଲାଭ କରିବାକୁ ସମର୍ଥ ହୁଏ । ଗୀତା ବା ନୂତନ ଟେଷ୍ଟାମେଣ୍ଟରୁ ହୁଏତ ଗୋଟିଏ ଧାଡି ମଧ ମୁଁ ମୁହଁରେ ସ୍ମରଣ କରି କହି ପାରିବିନାହିଁ ; ଗୋଟିଏ ହିନ୍ଦୁ ଅଥବା ଖ୍ରୀଷ୍ଟିୟାନ୍ ପିଲା ଅଧିକ ଭଲ ଭାବରେ ସେଗୁଡ଼ିକର ଆବୃତ୍ତି କରିପାରିବ । ମାତ୍ର, ଏହି ଦୁଇ ପୁସ୍ତକର ମର୍ମଟିକୁ ମୁଁ ଆଜି ଯେପରି ନିଜସ୍ୱ କରି ରଖି ଯାରିଛି, ଏହି ବୁଦ୍ଧିମାନ୍ ପିଲାମାନେ ମୋତେ ସେଥିରୁ କଦାପି ବଞ୍ଚିକରି ପାରିବେ ନାହିଁ ।

ତେଣୁ, ଜଣେ ବ୍ୟକ୍ତିର ଅଭିଜ୍ଞତା ହିଁ ତା'ର ଯଥାର୍ଥରେ ମାର୍ଗଦର୍ଶନ କରାଇ ପାରିବ । ବହିରେ ଲେଖା ହୋଇଥିବା ଶବ୍ଦଗୁଡ଼ିକ ଅବଶ୍ୟ ସାହାଯ୍ୟ କରିବ, ମାତ୍ର ତଥାପି ତାହାର ଅର୍ଥ କରିବାକୁ ପଡ଼ିବ ଏବଂ ଯେତେବେଳେ ବ୍ୟାଖ୍ୟା ବ୍ୟାଖ୍ୟାରେ ମେଳ ନ ରହୁଥିବ, ସେତେବେଳେ ସ୍ୱୟଂ ସାଧକ ହିଁ ଚୂଡ଼ାନ୍ତ ନିର୍ଣ୍ଣୟଟିକୁ କରିବ ।

ମୁଁ ଭାବୁଛି, ମୋ' ଭିତରେ କୌଣସି ଅନ୍ଧବିଶ୍ୱାସ ନାହିଁ । କେବେ ପ୍ରାଚୀନ ବୋଲି ସତ୍ୟକୁ କଦାପି ସତ୍ୟ ବୋଲି କୁହା ଯିବନାହିଁ । ତାହା ପ୍ରାଚୀନ ବୋଲି ତାହାକୁ ସନ୍ଦେହର ଚକ୍ଷୁରେ ଦେଖିବା ମଧ କଦାପି ଉଚିତ୍ ହେବନାହିଁ । ଜୀବନରେ ଏପରି କେତେକ ମୂଳସତ୍ୟ ରହିଛି, ନିଜ ଜୀବନରେ ସେଗୁଡ଼ିକର ଆଚରଣ କରିବା କଷ୍ଟସାଧ ହେଉଛି ବୋଲି ସେଗୁଡ଼ିକୁ କଦାପି ହାଲୁକା ଭାବରେ ପରିତ୍ୟାଗ କରି ହେବନାହିଁ ।

# ସ୍ୱର୍ବେଦ

**ଓ୍ୱିଷୟୋଁ ଚିତ୍ତ ସମ୍ବନ୍ଧ ସେ, ଚିତ**
**ଓ୍ୱିକାର ପରିଣାମ ।**
**ଉତପନ୍ନ ସୋ ବୃତ୍ତି ହୈ, ସଂସ୍କାର**
**ଚିତ ଧାମ ॥୦୯॥**

ଭାଷ୍ୟ - ଅନେକ ଜନ୍ମର ସଂସ୍କାର ଚିତ୍ତରେ ରହିଥାଏ । ଚିତ୍ତ ଓ ତାଆରି ବିଷୟଗୁଡ଼ିକ ସହିତ ସମ୍ବନ୍ଧରୁ ଯେଉଁ ପରିଣାମ ବିକାର ଉତ୍ପନ୍ନ ହୁଏ ତାହାର ନାମ ବୃତ୍ତି ଅଟେ ।

**ଆତ୍ମ ଜ୍ଞାନ ବାହର ଭୟା, ଜଗତ**
**ଦୃଶ୍ୟ ସବ ଦେଖ ।**
**ଅନ୍ତରମୁଖ ସୋଇ ଜ୍ଞାନ ସେ,**
**ପରବ୍ରହ୍ମ କହଁ ପେଖ ॥୧୦॥**

ଭାଷ୍ୟ - ଆତ୍ମାର ଶକ୍ତି ମନ, ଇନ୍ଦ୍ରିୟମାନଙ୍କ ଦ୍ୱାରା ଯେତେବେଳେ ବାହାରି ଯାଏ, ସତେବେଳେ ତାହା ବାହ୍ୟ ଜଗତକୁ ଦେଖେ । ସେହି ଶକ୍ତିକୁ ସେ ଯେତେବେଳେ ଅନ୍ତର୍ମୁଖୀ କରି ଦିବ୍ୟଜ୍ଞାନ ଦ୍ୱାରା ଦେଖେ ସେତେବେଳେ ସେ ପରଂବ୍ରହ୍ମଙ୍କର ଦର୍ଶନ ଲାଭ କରେ ।

**ରମ୍ଧ୍ର ଦ୍ୱାରା ମନ ପଓ୍ୱନ କୋ,**
**ସ୍ଥିର ବାଁଧେ ସନ୍ତ ।**
**ୟୋଗ ୟୁକ୍ତି ଅଭ୍ୟାସ ସେ, ଅବଲ**
**ହୋୟ ୟୁଗ ଅନ୍ତ ॥୧୧॥**

ଭାଷ୍ୟ - ସନ୍ଥ ନିଜ ସହଜ ଯୁକ୍ତି ଦ୍ୱାରା ରମ୍ଧ୍ରଦ୍ୱାରରେ ମନ ଆଉ ପବନକୁ ସ୍ଥିର କରିଥାନ୍ତି । ସେ ମନ ପବନର ମୂଳ ଦ୍ୱାରକୁ ଯାଇ ବିଲୀନ ଏବଂ ଶାନ୍ତ ହୋଇଯାଆନ୍ତି ।

**ଗୁପ୍ତ ପ୍ରକଟ କୀ ସନ୍ଧି ମେଁ, ସ୍ଥିର**
**ୟୋଗ ଓ୍ୱିଧାନ ।**
**ମନ ଓ୍ୱ ପଓ୍ୱନ ଦୋ ଓ୍ୱଶ କରେ,**
**ପ୍ରକଟତ ଶକ୍ତି ମହାନ ॥୧୨॥**

ଭାଷ୍ୟ - ସହଜ ଯୋଗର ନିୟମାନୁସାରେ ମନ ଆଉ ପବନକୁ ପ୍ରକଟ-ଗୁପ୍ତର ସଂଗମ ସ୍ଥଳରେ ସ୍ଥିର କରିବା ଦ୍ୱାରା ଆଭ୍ୟନ୍ତରରରେ ମହତି ଶକ୍ତି ପ୍ରକଟ ହୁଏ । ପ୍ରକଟ ଆଉ ଗୁପ୍ତ ସନ୍ଧିର ଜ୍ଞାନ ସଦ୍‌ଗୁରୁ ଦ୍ୱାରା ଜାଣନ୍ତୁ ଓ ଏହାର ଯଥାର୍ଥ ଅନୁଭବ କରି ଦୁହିଙ୍କୁ ସ୍ଥିର କରି ଆତ୍ମପ୍ରକାଶକୁ ପ୍ରାପ୍ତ କରନ୍ତୁ ।

**ଅନ୍ତର ମନ ଅରୁ ପଓ୍ୱନ କୋ,**
**ଗତି ରହସ୍ୟ ଗମ ଜ୍ଞାନ ।**




**ଉଲଟି ପତାଲ ଅକାଶ କୋ,**
**ବାଁଧୋ ମୂଲ ଠିକାନ ॥୧୩॥**

ଭାଷ୍ୟ - ମନ ଓ ପବନକୁ ଅନ୍ତର-ଭେଦ-ଗମନର ଜ୍ଞାନ ଦ୍ୱାରା ପାତାଳକୁ ଉଲଟା କରି ଆକାଶର ମୂଳ କେନ୍ଦ୍ରରେ ଏମାନଙ୍କୁ ବାନ୍ଧି ଦିଅନ୍ତୁ ଅର୍ଥାତ୍ ସ୍ଥିର କରି ଦିଅନ୍ତୁ । ଆତ୍ମାର ଅର୍ଧ ଶକ୍ତିକୁ ପାତାଳ ତଥା ଉର୍ଦ୍ଧ୍ୱ ଶକ୍ତିର ଆକର୍ଷଣ କେନ୍ଦ୍ର ମଣ୍ଡଳକୁ ଆକାଶ କହନ୍ତି ।

**ଥୀର ପଓ୍ୱନ ଅରୁ ମନ ଭୟା,**
**ସଦ୍‌ଗୁରୁ ସନ୍ଧି ଠିକାନ ।**
**ଜ୍ୟୋତି ବରୀ ଅଜଗୟବ କୀ,**
**ବାହର ଭୀତର ଜ୍ଞାନ ॥୧୪॥**

ଭାଷ୍ୟ - ସଦ୍‌ଗୁରୁ ସନ୍ଧି ଅର୍ଥାତ୍ ସଦ୍‌ଗୁରୁ ଭେଦ ରହସ୍ୟ ସ୍ଥାନରେ ମନ ଓ ପବନ ସ୍ଥିର ହେବା ପରେ ଆଶ୍ଚର୍ଯ୍ୟମୟ ଜ୍ୟୋତି ପ୍ରତିଭାତ ହୁଏ, ଯାହାର ପ୍ରକାଶ ଦ୍ୱାରା ବାହାରେ ଏବଂ ଭିତରେ ସ୍ପଷ୍ଟ ଦୃଷ୍ଟିଗୋଚର ହୁଏ । ବାହ୍ୟ ଏବଂ ଆଭ୍ୟନ୍ତରକୁ ଦେଖିବାର ଦିବ୍ୟଶକ୍ତି ଯୋଗୀମାନଙ୍କୁ ପ୍ରାପ୍ତ ହୋଇଥାଏ ।

**ମନ ଓ୍ୱ ପଓ୍ୱନ ସମ କୀଜିଏ, ଗୁରୁ**
**ପ୍ରଦେଶ ମେଁ ବାଁଧ ।**
**ଅଜ ଗୁରୁ କୀ ୟହ ଧାରଣା, ତବ**
**ସୁମିରନ ଶୁଭ ସାଧ ॥୧୫॥**

ଭାଷ୍ୟ - ମନ ଓ ପବନକୁ ସମାନ କରି ସୁରତିକୁ ଗୁରୁ ପ୍ରଦେଶରେ ସ୍ଥିର କରିବା ଅନାଦି ସଦ୍‌ଗୁରୁଙ୍କ ବିହଙ୍ଗମ ଯୋଗର ଧାରଣା ଅଟେ । ଏହି ଧାରଣା ପଶ୍ଚାତ୍ ମଙ୍ଗଳମୟ ସ୍ମରଣର ସାଧନା ହୋଇଥାଏ ।

**ପ୍ରକଟ ରୂପ ନହିଁ ତୀନ ହୈ, ମନ**
**ଅରୁ ପଓ୍ୱନ ନିରୋଧ ।**
**ୟୋଗାଭ୍ୟାସ ହୈ ଧାରଣା, ତନ**
**ମନ ବନ୍ଧନ ସୋଧ ॥୧୬॥**

ଭାଷ୍ୟ - ଯେତେବେଳ ପର୍ଯ୍ୟନ୍ତ ଧ୍ୟାତା, ଧ୍ୟାନ ଆଉ ଧ୍ୟେୟ ତିନି ସ୍ୱରୂପ ପ୍ରକଟ ଅର୍ଥାତ୍ ପ୍ରତ୍ୟକ୍ଷ ନ ହୋଇଛି, ମନ ଶରୀର ଅର୍ଥାତ୍ ସମଗ୍ର ଦେହ ସଂଘାତକୁ ଖୋଜି ମନ ଓ ପବନକୁ ପ୍ରତିରୋଧ କରାଯାଏ । ଏହି ଯୋଗାଭ୍ୟାସକୁ ଧାରଣା କୁହାଯାଏ । ଏହି ଧାରଣା ବିହଙ୍ଗମ ଯୋଗର ଅଟେ ଯେଉଁଥିରେ ମନ ଓ ପବନକୁ ସ୍ଥିର କରିବା ପାଇଁ ପ୍ରଯତ୍ନ ହୋଇଥାଏ ।

**ସିଦ୍ଧ ହୋୟ ଜବ ଧାରଣା, ବୃତ୍ତି**
**ପ୍ରାଣ ମନ ଲୀନ ।**
**ଜ୍ଞାନ ଆୟ ନିଜ ରୂପ ମେଁ, ଆପହିଁ**
**ଆପ ଅଧୀନ ॥୧୭॥**

ଭାଷ୍ୟ - ଯେତେବେଳେ ବିହଙ୍ଗମ ଯୋଗର ଧାରଣା ସିଦ୍ଧ ହୋଇଯାଏ, ସେତେବେଳେ ସମସ୍ତ ବୃତ୍ତି ଆଉ ପ୍ରାଣ, ମନ ନିଜ ମୂଳ କାରଣରେ ଲୀନ ହୋଇଯାଆନ୍ତି । ସେତେବେଳେ ଆତ୍ମା ନିଜ ସ୍ୱରୂପର ଜ୍ଞାନକୁ ପ୍ରାପ୍ତ କରି ନିଜ ଅଧୀନରେ ଥିବା ଶକ୍ତିଗୁଡ଼ିକର ପ୍ରୟୋଗ କରି ନିଜ ସ୍ୱରୂପରେ ସ୍ଥିର ହୋଇଯାଏ ।

**ଅବ ସୁମିରନ ଭଲ କୀଜିୟେ,**
**ସୁମିରନ କା ବନ ସାଜ ।**
**ଅମ୍ବୁ ଦୀପ ବୈଠକ ବନା, ଦ୍ୱାର**
**ଓ୍ୱିରାଜତ ଭାଜ ॥୧୮॥**

ଭାଷ୍ୟ - ଧାରଣା ପରେ ସ୍ମରଣର ସ୍ଥିତି ପ୍ରାପ୍ତ ହୋଇଥାଏ । ଅମ୍ବୁଦ୍ୱୀପରେ ସୁରତିକୁ ସ୍ଥିର କରି ପ୍ରଭୁଙ୍କର ସ୍ମରଣ ହୋଇଥାଏ, ଯେଉଁଠାରେ ଆତ୍ମସ୍ୱରୂପ ମୂଳ ଦ୍ୱାରରେ ପ୍ରକାଶ ପ୍ରାପ୍ତ ହୋଇଥାଏ ।

**ବାହର କା ପଟ ବନ୍ଦ ହୈ, ଅନ୍ତର**
**ସୁମିରନ ସାର ।**
**ଆପନ ରୂପ ପ୍ରକାଶ ହୈ, ଆପନ**
**ଶକ୍ତି ପସାର ॥୧୯॥**

ଭାଷ୍ୟ - ବାହ୍ୟ ଇନ୍ଦ୍ରିୟଗୁଡ଼ିକର ଶକ୍ତିକୁ ନିଜ ଭିତରେ ଅନ୍ତର୍ମୁଖୀ କରି ଭିତରେ ପ୍ରଭୁଙ୍କର ସ୍ମରଣ ହୋଇଥାଏ ଯେଉଁଠାରେ ନିଜର ପ୍ରକାଶ ରହିଥାଏ ଆଉ ନିଜ ଶକ୍ତିର ବିକାଶ ଥାଏ । ଅମ୍ବୁଦ୍ୱୀପରେ ଆତ୍ମା ନିଜ ସ୍ୱରୂପର ଜ୍ଞାନ କରି ନିଜ ଆତ୍ମିକ ଶକ୍ତିର ସଂଚୟ କରିଥାଏ ।

**ଆତମ ଜାନନ କେ ଲିୟେ, ଅନ୍ୟ**
**କରଣ ନହିଁ କାଜ ।**
**ଆପ ଆପ କୋ ଜାନତା,**
**ସୁମିରନ ପୁରୁଷ ସକାଜ ॥୨୦॥**

ଭାଷ୍ୟ - ଆତ୍ମା ଜ୍ଞାନ ନିମନ୍ତେ କୌଣସି ଅନ୍ୟ ପ୍ରାକୃତିକ କାରଣର ଆବଶ୍ୟକତା ହୁଏ ନାହିଁ । ଆତ୍ମା ନିଜକୁ ନିଜ ଜ୍ଞାନରେ ସ୍ୱୟଂ ଜାଣିପାରେ ଆଉ ସେହି ଆତ୍ମସ୍ୱରୂପରେ ପରମ ପୁରୁଷଙ୍କର ସ୍ମରଣ କରିଥାଏ । ଜଡ଼ କରଣ ଯୋଗୁଁ ଚେତନସତ୍ତାର ଜ୍ଞାନ ହୁଏ ନାହିଁ । ସେଥିପାଇଁ ଚେତନ ଆତ୍ମା ସ୍ୱୟଂ ନିଜ ଶକ୍ତିର ନିରୋଧରୁ ସ୍ୱୟଂ ନିଜକୁ ଜାଣିପାରେ ।

**ତୀନ ରୂପ ଅବ ପ୍ରକଟ ହୈ,**
**ସୁମିରନ ସୁରତି ସଓ୍ୱାର ।**
**ଭଜନ କରୋ ନିଷ୍କାମ ମେଁ,**
**ଅନୁଭଓ୍ୱ ଶବ୍ଦ ଅଧାର ॥୨୧॥**

ଭାଷ୍ୟ - ଆତ୍ମା ନିଜ ସ୍ୱରୂପକୁ ଆସିବା ପରେ ଧ୍ୟେୟ, ଧ୍ୟାନ ଓ ନିଜ ସ୍ୱରୂପ ଧ୍ୟାତା - ଏ ତିନିହେଁ ପ୍ରତ୍ୟକ୍ଷ ହୋଇଯାଆନ୍ତି ଏବଂ ସୁରତି ଦ୍ୱାରା ପ୍ରଭୁଙ୍କର ସ୍ମରଣ ହେବାରେ ଲାଗେ । ଆଗକୁ ଶବ୍ଦ-ଅନୁଭବର ଆଧାରରେ ନିଷ୍କାମ ଅର୍ଥାତ୍ କାମନାଶୂନ୍ୟ ହୋଇ ପ୍ରଭୁଙ୍କର ଭଜନ ହେବାରେ ଲାଗେ ।

**ପ୍ରଥମ ଧାରଣା କୀଜିୟେ, ସ୍ଥିର**
**ସୁମିରନ ଜ୍ଞାନ ।**
**ସୁମିରନ ପର ଅବ ଭଜନ ହୈ,**
**ଅନୁଭଓ୍ୱ ଶବ୍ଦ ମହାନ ॥୨୨॥**

ଭାଷ୍ୟ - ଆତ୍ମାର ଚେତନା ଯେତେବେଳେ ଗୋଟିଏ ସ୍ଥାନରେ ସ୍ଥିର ହୋଇଯାଏ, ସେତେବେଳେ ଧାରଣା ହୋଇଥାଏ ଆଉ ନିଜ ଜ୍ଞାନ ବଳରେ ସ୍ମରଣ ହୋଇଥାଏ । ଯେତେବେଳେ ଶବ୍ଦର ଅନୁଭବ ହୁଏ ସେତେବେଳେ ଶୁଦ୍ଧ ଚେତନ ସ୍ୱରୂପରେ ପ୍ରଭୁଙ୍କର ଭଜନ ହୋଇଥାଏ । ଏହାକୁ ବେଦରେ ପରମ ଅକ୍ଷର କୁହାଯାଇଛି । ଶବ୍ଦ ଅନୁଭବ ହିଁ ପ୍ରଭୁଙ୍କର ଉପାସନା ଆଉ ଅନ୍ୟ ଶବ୍ଦରେ ଭକ୍ତି ଅଟେ ।

## ଆସୁରୀ ବ୍ୟକ୍ତିର...

ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

ଏହାର ବିପରୀତ ଯୁଧିଷ୍ଠିର ଖରାପରୁ ଖରାପ ବ୍ୟକ୍ତି ଭିତରେ କୌଣସି ନା କୌଣସି ଗୁଣ ଖୋଜିନେଲେ । ଅର୍ଜୁନ ବୁଝିଗଲେ ଯେ ଆସୁରୀ ବୃତ୍ତିର ମନୁଷ୍ୟମାନଙ୍କ ଦୃଷ୍ଟି କେବଳ ଅନ୍ୟମାନଙ୍କ ମଧ୍ୟରେ ଦୋଷ ହିଁ ଖୋଜିଥାଏ ।

ପରି ବୃତ୍ତିର ମନୁଷ୍ୟମାନେ ଏହା ମଧ ଭୁଲିଯାନ୍ତି ଯେ ପ୍ରତ୍ୟେକର ଶରୀର ମଧରେ ମୁଁ ସ୍ୱୟଂ ଅନ୍ତର୍ଯାମୀ ପରମାତ୍ମା ହିଁ ନିବାସ କରିଥାଏ ଏବଂ ସେମାନେ ମୋ ସହିତ ବି ଦ୍ୱେଷ କରିବାରେ ଲାଗିଯାନ୍ତି । ଦେଖିବାକୁ ଗଲେ ପରମାତ୍ମାଙ୍କୁ ସ୍ୱୀକାର କରିବା ଆସୁରୀ ବୃତ୍ତି ଯୁକ୍ତ ଲୋକଙ୍କ ପାଇଁ ବହୁତ କଠିନ ହୋଇଥାଏ । ଏହି କାରଣରୁ ହିରଣ୍ୟକଶିପୁ ପ୍ରହ୍ଲାଦ ସହିତ ଯୁକ୍ତି କରିବାକୁ ଲାଗିଲା ଯେ ଭଗବାନ କେଉଁଠି ଅଛନ୍ତି ? ମୋତେ ବି ଦେଖାଇ ଦିଏ । ଏହାର କାରଣ ସେ ବୁଝିଥିଲା ଯେ ସେ ସ୍ୱୟଂ ଶ୍ରେଷ୍ଠତମ । ଯିଏ ନିଜକୁ ଶ୍ରେଷ୍ଠ ମାନିଥାଏ, ନିଜ ଠାରୁ କେହି ବଡ଼ ନାହିଁ ବୋଲି ସ୍ୱୀକାର କରିଥାଏ- ସେ ପରମାତ୍ମାଙ୍କୁ କିପରି ସ୍ୱୀକାର କରି ପାରିବ ? ଶ୍ରୀଭଗବାନ କହିଛନ୍ତି ଯେ ଏପରି ବ୍ୟକ୍ତିମାନେ ମୋତେ ଅର୍ଥାତ୍ ଅନ୍ତର୍ଯାମୀ ପରମାତ୍ମାଙ୍କ ସହିତ ଦ୍ୱେଷ କରିବାରେ ଲାଗନ୍ତି ।

ଏହାର ବିପରୀତ ଦୈବୀ ପ୍ରବୃତ୍ତି ଯୁକ୍ତ ମନୁଷ୍ୟମାନେ ଭକ୍ତି, ଜ୍ଞାନ ଓ ନିଷ୍କାମ କର୍ମ କରି ସର୍ବତ୍ର ପରମାତ୍ମାଙ୍କର ହିଁ ଉପସ୍ଥିତିକୁ ଅନୁଭବ କରିଥାନ୍ତି । ସେମାନେ କର୍ତ୍ତାପଣର ଅଭିମାନକୁ ତ୍ୟାଗ କରି ସମସ୍ତ କର୍ମ କରିଥାନ୍ତି । ସେମାନେ ନିଜର ଆତ୍ମା ଭିତରେ ହିଁ ସୁଖ ଓ ସ୍ୱତନ୍ତ୍ରତାକୁ ଅନୁଭବ କରିଥାନ୍ତି । ସେମାନେ ପ୍ରକୃତିର ତିନି ଗୁଣର ଉର୍ଦ୍ଧ୍ୱରେ ରହିଥାନ୍ତି । ସେମାନଙ୍କ ଭିତରେ ଅଭିମାନ, ଦର୍ପ, ଅହଂକାର, କ୍ରୋଧ, ରାଗ, ଦ୍ୱେଷ, ଇନ୍ଦ୍ରିୟ ଲୋଲୁପତା ଇତ୍ୟାଦି ନ ଥାଏ । ଅନ୍ୟ ଲୋକମାନେ ସେମାନଙ୍କୁ କ'ଣ ବୋଲି ବୁଝନ୍ତି- ଏହି କଥା ପ୍ରତି ସେମାନଙ୍କର ଚିନ୍ତା ନ ଥାଏ ତଥା ନିଜର କୀର୍ତ୍ତି, ନାମ ବା ପ୍ରସିଦ୍ଧିର ଇଚ୍ଛା ମଧ ସେମାନଙ୍କର ନ ଥାଏ ।

ସତ କଥା ହେଉଛି ଯେ ଆମର ଅସ୍ତିତ୍ୱ କ'ଣ ? ଆମେ କାଲି ନ ଥିଲେ, ଆଜି ଅଛେ ଓ କାଲିକୁ ହୁଏତ ନ ଥିବା ଆମେ ଏକ ପାଣିଫୋଟକା ରୂପେ ଏହି ସୃଷ୍ଟି ରୂପୀ ସାଗରରେ କିଛି କ୍ଷଣ ପାଇଁ ଉଠିଥାଉ ଓ ପୁଣି ନଷ୍ଟ ହୋଇଯାଉ । ଆମେ ଏହି ସୃଷ୍ଟିର ଗୋଟିଏ ଛୋଟିଆ ଅଂଶ । ଦୈବୀ ପ୍ରକୃତି ଯୁକ୍ତ ମନୁଷ୍ୟ ଜାଣିଥାଏ ଯେ ସେ ଏହି ସୃଷ୍ଟିର ଏକ ଅଂଶ ମାତ୍ର, କିନ୍ତୁ ଆସୁରୀ ବୃତ୍ତିର ବ୍ୟକ୍ତି ଅଜ୍ଞାନ ଓ ଅହଂକାରରେ ବଶୀଭୂତ ହୋଇ ଅଂଶ ରୂପ ହୋଇଥିଲେ ମଧ ସ୍ୱୟଂକୁ କେନ୍ଦ୍ର ବୋଲି ଭାବିଥାଏ । ଅଂଶ ଯଦି ସମସ୍ତଙ୍କୁ ଲୋପ କରି ନିଜକୁ ବଞ୍ଚାଇବା କଥା ଚିନ୍ତା କରେ ତ ଏହାଠାରୁ ବଳି ପାଗଳାମି ଆଉ କ'ଣ ହେବ ? ଏପରି ମାନୁଥିବା ବ୍ୟକ୍ତି ଦିନେ ନା ଦିନେ ନିଜେ ହିଁ ନଷ୍ଟ ହୋଇଯାଏ । ଆସୁରୀ ବୃଦ୍ଧି ଯୁକ୍ତ ବ୍ୟକ୍ତି ଅନ୍ୟମାନଙ୍କ ଠାରେ ଦୋଷ ଦେଖି ଦେଖି ନିଜର ମଧ ପରାଭବ ସୁନିଶ୍ଚିତ କରି ଦେଇଥାଏ । ଅନ୍ୟମାନଙ୍କ ଭିତରେ ବସିଥିବା ପରମାତ୍ମାଙ୍କୁ ସ୍ୱୀକାର ନ କରି ଦିନେ ସେ ସ୍ୱୟଂ ନଷ୍ଟ ହୋଇଯାଏ ।

## ବ୍ଲଡପ୍ରେସର ନିୟନ୍ତ୍ରଣ କରେ କମଳା ଜୁସ୍



**ଶ**ରୀରକୁ ସୁସ୍ଥ ରଖିବା ପାଇଁ ପୌଷ୍ଟିକ ଆହାର ଜରୁରୀ ଓ ଫଳରେ ରହିଥିବା ଭିଟାମିନ୍ସ ଓ ମିନେରାଲ୍ସ ଶରୀରକୁ ପୋଷଣ ଦେବାରେ ସହଯୋଗ କରିଥାଏ । ଏଥିପାଇଁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କମଳା ଖାଇବାକୁ ପରାମର୍ଶ ଦେଇଥାନ୍ତି । ଏଥରେ ପ୍ରଚୁର ପରିମାଣର ପୋଷକ ତତ୍ତ୍ୱ ଓ ଭିଟାମିନ ରହିଛି । ଏଥିପାଇଁ ପ୍ରତି ଦିନ ଗୋଟିଏ କମଳା ଖାଇବା ଦ୍ୱାରା ବହୁ ରୋଗରୁ ମୁକ୍ତି ମିଳିଥାଏ । ଏଥିସହିତ କମଳା ଜୁସ୍ ମଧ ସ୍ୱାସ୍ଥ୍ୟ ଲାଗି ଖୁବ୍ ଉତ୍ତମ । ଏହା ଇମ୍ୟୁନିଟିକୁ ମଜଭୁତ କରିଥାଏ । ଏଥରେ ଥିବା ଭିଟାମିନ୍ ଅଣ୍ଡା ଓ ଭାଇରାଲ ଇଞ୍ଫେକ୍ସନରୁ ମଧ ରକ୍ଷା କରିଥାଏ । ଏହାବ୍ୟତୀତ ଏହି ଜୁସ ଶରୀର ଲାଗି ଖୁବ୍ ଫଳପ୍ରଦ । ଆସନ୍ତୁ ଜାଣିବା କମଳା ଜୁସ୍ ପିଇବା ଦ୍ୱାରା କେଉଁ ସବୁ ରୋଗରୁ ମୁକ୍ତି ମିଳିଥାଏ ।

ରକ୍ତଚାପରୁ ମୁକ୍ତି ମିଳେ : କମଳା ଜୁସ ସେବନ କରିବା ଦ୍ୱାରା ରକ୍ତଚାପ ନିୟନ୍ତ୍ରଣ ରହିଥାଏ । ଶୀତଦିନେ କମ ପାଣି ପିଇବା କାରଣରୁ ବ୍ଲଡ ସର୍କୁଲେସନ ଠିକ୍ ଭାବରେ ହୁଏ ନାହିଁ । ଏଥିଯୋଗୁ ରକ୍ତଚାପ ବଢ଼ିଥାଏ । କମଳାରେ ରହିଥିବା ପେକ୍ଟିନ, ଫ୍ଲେବୋନଏଡସ ଭଳି ପୋଷକ ତତ୍ତ୍ୱ ହାର୍ଟ ଆଟାକ ଓ ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ ।

ହୃଦୟ ରୋଗ ଦୂର ହୁଏ : କମଳା ଜୁସ୍ ପିଇବା ଦ୍ୱାରା ହୃଦୟ ରୋଗ ଦୂର ହୁଏ । ଏହା ବ୍ୟାଡ କୋଲେଷ୍ଟ୍ରଲକୁ ନଷ୍ଟ କରିଥାଏ ଓ ହୃଦୟକୁ ମଜଭୁତ କରିଥାଏ । ଏଥିପାଇଁ ପ୍ରତିଦିନ ଏକ ଗ୍ଲାସ କମଳା ଜୁସ୍ ପିଅନ୍ତୁ ।

ରକ୍ତହୀନତା ଦୂର ହେବ : ଏହି ଜୁସ୍‌ରେ ଭିଟାମିନ-ଏ, ସି ଓ ଆଇରନ ବହୁ ମାତ୍ରାରେ ଗଚ୍ଛିତ ରହିଛି । ଏହାକୁ ସେବନ କରିବା ଦ୍ୱାରା ହିମୋଗ୍ଲୋବିନ୍ ସ୍ତର ବଢ଼ିଥାଏ, ଯଦ୍ୱାରା ରକ୍ତହୀନତା ସମସ୍ୟା ଦୂର ହୁଏ ।

ଇମ୍ୟୁନିଟି ମଜଭୁତ : ପ୍ରତିଦିନ ଏହି ଜୁସ୍ ସେବନ କରିବା ଦ୍ୱାରା ଇମ୍ୟୁନିଟି ବୃଦ୍ଧି ପାଇଥାଏ । ଏଥିରେ ଥିବା ଭିଟାମିନ ସି ଓ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଇମ୍ୟୁନିଟି ବୁଷ୍ଟ କରେ । ଏହା ସଂକ୍ରମଣ ଦୂର କରେ ଇଫେକ୍ସନରୁ ରକ୍ଷା କରିବା ସହିତ ଥଣ୍ଡା, କାଶ ଭଳି ସମସ୍ୟାରୁ ରକ୍ଷା କରିଥାଏ ।

ଓଜନ ହ୍ରାସ : ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି ତେବେ କମଳା ଜୁସ୍ ସେବନ କରନ୍ତୁ । ଏଥିରେ ଥିବା ଫାଇଭର ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ହେବାକୁ ଦିଏ ନାହିଁ ଓ ଓଜନ କମ୍ କରିବାରେ ସହାୟ କରିଥାଏ ।

## ଟିକିଏ ହସନ୍ତୁ

ଜଜ୍ ସାହେବ ମୋହନକୁ ଫାଶୀ ଦଣ୍ଡାଦେଶ ଦେଲେ ।
ଫାଶୀ ଦିନ ଜଜ୍ ସାହେବ : ତୁମର ଶେଷ ଇଚ୍ଛା କ'ଣ କୁହ ?
ମୋହନ : ମୋର ଇଚ୍ଛା ଆପଣ ମୋ ସ୍ଥାନରେ ଫାଶୀଖୁଣ୍ଟରେ ଝୁଲନ୍ତୁ ।

× × ×

ସୋନି ରାନୀକୁ : ତୁ କେମିତିଆ ପୁଅକୁ ବାହା ହେବୁ ?
ରାନୀ : ଏମିତିଆ ପୁଅ, ଯିଏକି ବେଶୀ ଖାଉ ନ ଥିବ ।
ମୁଁ ଯାହା କଲେ କିଛି କହୁ ନ ଥିବ ।
ସୋନି : ଏମିତି ପୁଅ ତତେ କେବଳ ଆଇସିୟୁରେ ମିଳିବ ।

× × × ×

ମୋନା ରୋଶନୀକୁ : କାଲି ତମେ କିଟି ପାର୍ଟିକୁ କାହିଁକି ଆସି ନ ଥିଲ ?
ରୋଶନୀ : କଥା କ'ଣ କି କାଲି ମୋର ବିଏମ୍‌ଡବ୍ଲ୍ୟୁ ଆସି ନ ଥିଲା ।
ମୋନା : ବିଏମ୍‌ଡବ୍ଲ୍ୟୁ ଗାଡି କେବେ ଆଣିଲ !
ରୋଶନୀ : ଆରେ ନା କାଲି ମୋ' ବାସନ ମଜା ବାଲୀ' ଆସି ନଥିଲା ।

× × × × ×

ବାପା ପୁଅକୁ : ତୁ ଚୁଟି କାହିଁକି କାଟୁନୁ ?
ଏତେ ଲମ୍ବା ହେଇଗଲାଣି ।
ପୁଅ : ବାପା, ଏଇଟା ଫ୍ୟାଶନ୍ ।
ବାପା : ଫ୍ୟାଶନ୍ ନା ଚୋପା । ଜାଣିବୁ କାଲି ତୋ ଭଉଣୀକୁ ଯୋଉମାନେ ଦେଖିବାକୁ ଆସିଥିଲେ ସେମାନେ ତତେ ପସନ୍ଦ କଲେ ବୋଲି ଖବର ଦେଇଥିଲେ ।



× × × ×

ସ୍ତ୍ରୀ ସ୍ୱାମୀଙ୍କୁ : କାଲି ତମେ ଗ୍ୟାସ୍ ସିଲିଣ୍ଡରକୁ କେମିତି ଲଗେଇଥିଲ କି ?
ସ୍ୱାମୀ : କାଇଁ, କ'ଣ ହେଲା ?
ସ୍ତ୍ରୀ : ତମେ କେମିତି ଲଗେଇଲ କେଜାଣି ମୁଁ ଦୁଇ ଦୁଇ ଥର କ୍ଷୀର ଫୁଟେଇଲି ଆଉ ଦୁଇଥର ଯାକ କ୍ଷୀର ଛେନା ଛିଡିଗଲା ।

× × × ×

ଶିକ୍ଷକ ମୋନୁକୁ : ସ୍ୱର ବର୍ଣ୍ଣ ଓ ବ୍ୟଞ୍ଜନ ବର୍ଣ୍ଣ ଭିତରେ ତଫାତ୍ କ'ଣ କହିଲୁ ।
ମୋନୁ : ସ୍ୱର ପାଟିରୁ ବାହାରିଥାଏ । ଏହାର କୌଣସି ବର୍ଣ୍ଣ ନ ଥାଏ । ହେଲେ ବ୍ୟଞ୍ଜନ ପାଟି ଭିତରକୁ ଯାଏ । ଆଉ ଏହା ବିଭିନ୍ନ ରଙ୍ଗର ହୋଇଥାଏ ।

# ସୋୟାବିନ୍‌ର ଉପକାରିତା

ସୋୟାବିନ୍‌ରେ ଖଣିଜ, ଭିଟାମିନ୍ ବି କମ୍ପ୍ଲେକ୍ସ ଓ ଭିଟାମିନ୍ 'ଏ' ଭରପୁର ମାତ୍ରାରେ ମିଳିଥାଏ । ଏହି ସମସ୍ତ ତତ୍ତ୍ୱ ଶରୀର ପାଇଁ ଆବଶ୍ୟକ ଏମିନୋ ଏସିଡ୍ ପରି କାମ କରିଥାଏ । ସୋୟାବିନ୍ କ୍ଷୀରରେ ଅଧିକ ପ୍ରୋଟିନ୍ ରହିଛି । ଏହା ବ୍ୟତୀତ କାର୍ବୋହାଇଡ୍ରେଟ୍, କ୍ୟାଲସିୟମ, ଆଇରନ ଓ ଫସଫରସ, ମିନେରାଲ ମଧ ରହିଛି । ଯାହାକି ସ୍ୱାସ୍ଥ୍ୟ ପାଇଁ ଅତି ଲାଭଦାୟକ ।

ମହିଳାଙ୍କ ପାଇଁ ରାମବାଣ: ମହିଳାଙ୍କ ମାସିକ ଧର୍ମ ବନ୍ଦ ହେବା ପରେ ଶରୀରରେ ଏଷ୍ଟ୍ରୋଜେନ କମ ହୋଇଥାଏ । ଯାହାକି ଅସ୍ଥିକୁ ଅଧିକ ମାତ୍ରାରେ କ୍ଷତି ପହଞ୍ଚାଏ । ଏହି କାରଣରୁ ଅଷ୍ଟିୟୋଅର୍ଥରାଇଟିସ୍ ଓ ମାଂସପେଶୀ ଯନ୍ତ୍ରଣା ସୃଷ୍ଟି ହୋଇଥାଏ । ୩ ରୁ ୪ ମାସ ସୋୟାବିନ୍ ଖାଇଲେ



ମହିଳାଙ୍କ ସମସ୍ତ ଚିନ୍ତା ଦୂର ହୋଇଥାଏ । ଏହା ବ୍ୟତୀତ ଏଥିରେ ଥିବା ପ୍ରୋଟିନ୍ ଋତୁସ୍ରାବ ସମୟରେ କଷ୍ଟ ତଥା ଶରୀରରେ ସୁଜନ, ଭାରିପଣ, ଥକ୍କାପଣ, ଅଣ୍ଟା ଯନ୍ତ୍ରଣା ଆଦିରୁ ମୁକ୍ତି ମିଳିଥାଏ ।

ଅସ୍ଥି ମଜଭୁତ କରେ: ସୋୟାବିନ୍‌ରେ ଥିବା କ୍ୟାଲସିୟମ ଓ ପ୍ରୋଟିନ୍ ମାତ୍ରା ଅସ୍ଥିକୁ ମଜଭୁତ କରିଥାଏ । ଏଥିରେ କ୍ୟାଲସିୟମ ଥିବାରୁ ଅଷ୍ଟିୟୋଆର୍ଥରାଇଟିସ୍ ଭଳି ରୋଗରୁ ରକ୍ଷା ମିଳିଥାଏ ।

ଅସ୍ଥି ମଜଭୁତ କରେ: ସୋୟାବିନ୍‌ରେ ଥିବା କ୍ୟାଲସିୟମ ଓ ପ୍ରୋଟିନ ମାତ୍ରା ଅସ୍ଥିକୁ ମଜଭୁତ କରିଥାଏ । ଏଥିରେ କ୍ୟାଲସିୟମ ଥିବାରୁ ଅଷ୍ଟିୟୋଆର୍ଥରାଇଟିସ୍ ଭଳି ରୋଗରୁ ରକ୍ଷା ମିଳିଥାଏ ।

ମଧୁମେହ ରୋଗୀଙ୍କ ପାଇଁ ଫଳପ୍ରଦ: ଏଥିରେ ଥିବା ଆଇସୋଫ୍ଲୋବୋନ ମଧୁମେହ ଆଶଙ୍କା କମ କରିଥାଏ । ଏହାକୁ ଖାଇବା ଫଳରେ କୋଲେଷ୍ଟେରଲ ଓ ଗ୍ଲୁକୋଜର ସ୍ତର କମିଥାଏ । ମଧୁମେହ ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ପାଇଁ ସୋୟାବିନ୍ ବହୁତ ଲାଭପ୍ରଦ । ତେଣୁ ମଧୁମେହ ରୋଗୀ ସୋୟାବିନ୍ ଅଟାରେ ପ୍ରସ୍ତୁତ ରୁଟି ଖାଇବା ଖୁବ୍ ଫଳପ୍ରଦ ।

ଉଚ୍ଚରକ୍ତ ଚାପ ନିୟନ୍ତ୍ରଣ: ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ଅଧିକ ସୋଡିୟମ ଓ କମ୍ ପୋଟାସିୟମ ଖାଇବା ଉଚିତ । ଏହା ଶରୀରରୁ ଅତିରିକ୍ତ ସୋଡିୟମକୁ ବାହାର କରିଥାଏ । ଏହି ପ୍ରକ୍ରିୟା ଶରୀରର ରକ୍ତଚାପକୁ ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ପୋଟାସିୟମ ଉତ୍ତମ ମାତ୍ରାରେ ରହିଥାଏ । ତେଣୁ ଉଚ୍ଚ ରକ୍ତଚାପ ବ୍ୟକ୍ତିଙ୍କ ପାଇଁ ସୋୟାବିନ୍ ଖାଇବା ଦ୍ୱାରା ପୋଟାସିୟମ ଅଭାବ ପୂରଣ ହୁଏ ।

# ଉପକାରୀ ଗ୍ରୀନ୍ ମଟର

ଗ୍ରୀନ୍ ମଟରରେ ପ୍ରଚୁର ପରିମାଣର ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି । ଯେହେତୁ ଏଥିରେ ଫାଇବର୍ ଏବଂ ପ୍ରୋଟିନ୍‌ର ପରିମାଣ ବେଶି ରହିଛି । ଏଥିରେ କ୍ୟାଲୋରି କମ୍ ଥିବାରୁ ଏହା ମେଦବହୁଳତା କମାଇବାରେ ସାହାଯ୍ୟ କରେ । ଏଥିରେ ପ୍ରୋଟିନ୍, ଆଇରନ୍, ଫସ୍‌ଫରସ୍, ଭିଟାମିନ୍ 'ଏ', 'କେ' ଏବଂ 'ସି' ମଧ ରହିଛି । ଏହାକୁ ନିୟମିତ ଖାଇଲେ ତାହା ରକ୍ତରେ ସୁଗାର ପରିମାଣ ଏପରିକି ଉଚ୍ଚ ରକ୍ତଚାପ ସନ୍ତୁଳିତ ରଖିଥାଏ । ଏହା ଖାଦ୍ୟକୁ ଠିକ୍ ଭାବେ ହଜମ କରିବାରେ କେତେକାଂଶରେ



ସାହାଯ୍ୟ କରିଥାଏ । ଏଥିରେ ଆବଶ୍ୟକ ପରିମାଣର ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ମଧ ଭରି ରହିଛି । ଏଥିରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ରୋଗ ପ୍ରତିରୋଧକ ଶକ୍ତିକୁ ଆହୁରି ଦୃଢ଼ କରିଥାଏ । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଦୃଷ୍ଟି ଶକ୍ତି ପାଇଁ ବେଶ୍ ଉପକାରୀ ।

# ଶାଗ ଭିତରେ ମେଥିଶାଗ

ନିୟମିତ ମେଥି ଶାଗ ରସ ପିଇବା ଦ୍ୱାରା ପେଟ ପରିଷ୍କାର ହେବା ସହିତ ଶରୀରେ ସୌନ୍ଦର୍ଯ୍ୟ ବୃଦ୍ଧି ପାଏ ।ଉଚ୍ଚ ରକ୍ତଚାପ, ବଦହଜମି ଆଦି ରୋଗ ପାଇଁ ମେଥି ମଞ୍ଜି ଖୁବ୍ ଉପଯୋଗୀ ।ମେଥି ଶାଗରେ



ଅଦା ଏବଂ ଗରମ ମସଲା ଦେଇ ରାନ୍ଧିବା ଦ୍ୱାରା ତାହା ଆହୁରି ପୁଷ୍ଟିକର ହୁଏ । ଏହାଦ୍ୱାରା ନିମ୍ନ ରକ୍ତଚାପ ଅଣ୍ଡାରୁ ଉପଶମ ମିଳିଥାଏ ।
ସକାଳ ଏବଂ ସନ୍ଧ୍ୟାରେ ମେଥି ଶାଗ ରସ ପିଇବା ଦ୍ୱାରା ଶରୀରରେ ଶର୍କରା ନିୟନ୍ତ୍ରଣରେ ରହେ ।

# ଔଷଧ ଗୁଣରେ ଭରା ଘିକୁଆଁରୀ

ଘିକୁଆଁରୀ ବା ଏଲୋବେରା ଏକ ଔଷଧୀୟ ବୃକ୍ଷ । ଏହାର ପତ୍ର ସାଧାରଣତଃ ୬୦ ରୁ ୧୨୦ ସେ.ମି. ବଢ଼ିଥାଏ । ଏହା ମୁଖ୍ୟତଃ ଗ୍ରୀଷ୍ମ କ୍ରାନ୍ତୀୟ ଅଞ୍ଚଳରେ ଚାଷ କରାଯାଏ ।ଏହାର ପତ୍ରରେ ଭିଟାମିନ୍ ଏ, ବି-୧, ବି-୨, ବି-୩, ବି-୬ ଏବଂ କ୍ୟାଲସିୟମ୍, ପୋଟାସିୟମ୍ ଆଦି ଖଣିଜ ପଦାର୍ଥ ରହିଛି । ଏହାକୁ ଘର ସଜାଇବା ମଧ ପାଇଁ ବ୍ୟବହାର କରାଯାଏ ।



- ❑ ଏଲୋବେରା ଜେଲକୁ ମୁହଁରେ ଲଗେଇବା ଦ୍ୱାରା ମୁହଁ ଚିକ୍କଣ ହୋଇଥାଏ ।
- ❑ ବେକରେ ଏବଂ ମୁହଁରେ ଥିବା ଦାଗ ଉପରେ ଏଲୋବେରା ଜେଲ ଲଗେଇଲେ ଦାଗ ଲିଭିଯାଏ ।
- ❑ ଏକ ସପ୍ତାହ ଚାମଚେ ଏଲୋବେରା ରସକୁ ଅଣ୍ଡା ପାଣିରେ ମିଶାଇ ପିଇଲେ ଆଖି ଓ କାନ ସଂକ୍ରମଣ ଦୂର ହୁଏ ।
- ❑ ଏଲୋବେରା ରସକୁ ଆଣ୍ଠୁବିନ୍ଧା ସ୍ଥାନରେ ଲଗେଇଲେ ଉପଶମ ମିଳେ ।
- ❑ ଏଲୋବେରା ରସରେ ଫଲିକ୍ ଏସିଡ୍ ଥାଏ, ଯାହାକି ଶରୀର ଉପରେ ଭଲ ପ୍ରଭାବ ପକାଏ ।
- ❑ ନିୟମିତ ଏହି ରସକୁ ପିଇବା ମେଦବହୁଳ ରୋଗୀଙ୍କ ପାଇଁ ଭଲ ।

ଏଲୋବେରା ଜେଲ୍ ଦାନ୍ତରେ ମାଲିସ୍ କଲେ ଅନେକ ଦାନ୍ତ ସମସ୍ୟା ଦୂରହୁଏ । ମୋଟ୍ ଉପରେ ଯେ କେହି ମଧ ଏଲୋବେରା ଜୁସ୍ ବା ରସ ପିଇଲେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ ଓ ଉପଶମ ହୁଏ ।

# ଦେହକୁ ଭଲ ଗୋଲମରିଚ

ଗୋଲମରିଚ ପ୍ରତ୍ୟେକ ଓଡ଼ିଆଙ୍କ ରୋଷେଇ ଘରେ ମିଳିଥାଏ । ଏହା ଖାଲି ଯେ ଗରମ ମସଲା ରୂପରେ ବ୍ୟବହାର କରାଯାଇ ଖାଦ୍ୟର ସ୍ୱାଦକୁ ବଢ଼ାଇଥାଏ ତାହା ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ ଖୁବ୍ ଉପକାରୀ ।

ହୃଦୟ ପାଇଁ ଲାଭଦାୟକ: ବିଶେଷଜ୍ଞଙ୍କ ମତରେ ଗୋଲମରିଚ ଏକ ସୁପରଫୁଡ୍, ଯାହା ହୃଦୟକୁ ସୁସ୍ଥ ରଖିବା ପାଇଁ କାମରେ ଆସିଥାଏ । ଏଥିରେ ଭିଟାମିନ୍ ସି ଓ କ୍ୟାରୋଟିନାଇଡ୍ ଭରପୁର ମାତ୍ରାରେ ରହିଛି, ଯାହା ଧମନୀକୁ ସଫା କରିବାରେ ସହାୟକ ହୋଇଥାଏ ।



ସପ୍ତାହକୁ କେତେ ଖାଇବେ: ବିଶେଷଜ୍ଞ କହନ୍ତି କି ପ୍ରତି ବ୍ୟକ୍ତି ସପ୍ତାହକୁ ଅତି କମରେ ୪ ଟି ଦାନା ଗୋଲମରିଚ ଖାଇବା ଉଚିତ ।ଆପଣ ଏହାକୁ ପ୍ରାୟ ସବୁ ପ୍ରକାର ପରିବା ଓ ଡାଲିରେ ପକାଇ ଖାଇ ପାରିବେ । ଗୋଲମରିଚ ଏକ ଗରମ ମସଲା ହୋଇଥିବାରୁ ଏହା ଶରୀରକୁ ଗରମ ରଖିଥାଏ । ଏଥିପାଇଁ ଏହାକୁ ଅଧିକ ଖାଇବା ମଧ କ୍ଷତିକାରକ । ତା'ଛଡ଼ା ଏହାକୁ ନିୟମିତ ରୂପରେ ଖାଇବା ମଧ ଉଚିତ ନୁହେଁ ।

ଗୋଲମରିଚ ଗୁଣ: ଗୋଲମରିଚରେ ଔଷଧୀୟ ଗୁଣ ଭରି ରହିଛି । ଏଥିରେ ପିପରିନ୍ ନାମକ ତତ୍ତ୍ୱ ରହିଥିବା କାରଣରୁ ଏହାର ସ୍ୱାଦ ସବୁଠାରୁ ଭିନ୍ନ । ଏଥିରେ ଆଇରନ୍, ପୋଟାସିୟମ୍, ମ୍ୟାଗ୍ନେସିୟମ, ମାଙ୍ଗାନିଜ, ଜିଙ୍କ୍, କ୍ରୋମିୟମ, ଭିଟାମିନ୍ ଏ ଓ ଭିଟାମିନ୍ ସି' ଓ ଅନ୍ୟ ପୋଷକ ତତ୍ତ୍ୱ ଗଚ୍ଛିତ ରହିଛି ।

ଓଜନ କମ୍ କରେ: ଏଥିରେ ଫାଇଟୋନ୍ୟୁଟ୍ରିଆଣ୍ଟ ନାମକ ତତ୍ତ୍ୱ ରହିଛି ଯାହା ଦେହରେ ଫ୍ୟାଟ ଜମିବାକୁ ଦିଏ ନାହିଁ । ଏହାକୁ ଖାଇବା ଫଳରେ ଝାଳ ଦ୍ୱାରା ଶରୀରର ବିଷାକ୍ତ ଟକ୍ସିନ୍ ବାହାରକୁ ବାହାରି ଆସିଥାଏ ଫଳରେ ଓଜନ ନିୟନ୍ତ୍ରଣ ରହିଥାଏ ।

## ଆପଣ ଜାଣନ୍ତି କି ?

- ନୀଳ ସାହିତ୍ୟରେ ଲେଖାଯାଇଥିବା ବାକ୍ୟ ବା ଶବ୍ଦ ଶୀଘ୍ର ମନେ ରୁହେ ବୋଲି ଗବେଷଣାରୁ ଜଣାଯାଇଛି ।
- ୧୯୭୩ ମସିହାରେ ମୋଟୋରୋଲା କମ୍ପାନୀର ପୂର୍ବତନ ପରିଚାଳକ ମାର୍ଟିନ କୋପରଙ୍କ ଦ୍ୱାରା ସର୍ବପ୍ରଥମ ମୋବାଇଲ କଲ୍ କରାଯାଇଥିଲା ।
- ମନୁଷ୍ୟଙ୍କ ଭଳି ଡଲଫିନଙ୍କ ସ୍ମରଣ ଶକ୍ତି ଖୁବ୍ ପ୍ରଖର । ଏମାନେ ଅନେକ ଦିନରୁ ବିଚ୍ଛିନ୍ନ ହୋଇଯାଇଥିବା ନିଜ ସାଥୀଙ୍କ ଡାକକୁ ଅତି ସହଜରେ ଜାଣି ପାରନ୍ତି ।
- ଯୁକ୍ତରାଷ୍ଟ୍ର ଆମେରିକାରେ ସବୁଠାରୁ ଅଧିକ ସଂଖ୍ୟକ ଗୃହପାଳିତ କୁକୁର ରହିଥିବାର ରେକର୍ଡ କରାଯାଇଛି ।
- ପୃଥିବୀର ସର୍ବବୃହତ ବୁଢ଼ିଆଣୀ ଟାରାଣ୍ଟୁଲାର କିଛି ପ୍ରଜାତି ପ୍ରାୟ ୨ ବର୍ଷ ପର୍ଯ୍ୟନ୍ତ ନ ଖାଇ ବଞ୍ଚିପାରନ୍ତି ।
- ଚାଇନାରେ ୪୭୦୦ ବର୍ଷ ତଳେ ଗଞ୍ଜେଇ ଚାଷ କରାଯାଉଥିଲା ।
- ଭୁଟାନରେ ଏକଦା ଘୁଷୁରିଙ୍କୁ କଞ୍ଚା ଗଞ୍ଜେଇ ପତ୍ର ଖାଇବାକୁ ଦିଆଯାଉଥିଲା ।
- ଇଣ୍ଟରନେଟ୍ ମାଧମରେ ସର୍ବ ପ୍ରଥମେ ବିକ୍ରି ହୋଇଥିବା ଜିନିଷ ଥିଲା ଗଞ୍ଜେଇ ।
- ୧୯୭୧ ରେ 'ଏମ୍‌ଆଇଟି'ର ଛାତ୍ରଙ୍କଠାରୁ 'ଷ୍ଟାନ୍‌ଫୋର୍ଡ'ର ଛାତ୍ରମାନେ ତାହା କିଣିଥିଲେ ।
- ପରସ୍ପର ସହ ସଂଯୋଗ କରୁଥିବା ବିଶ୍ୱର ସର୍ବ ବୃହତ ଇଣ୍ଟର ଲକିଂ ରେଳଷ୍ଟେସନ୍ ହେଉଛି ଦିଲ୍ଲୀ ଷ୍ଟେସନ ।

## କହିପାରିବେ କି ?

(୧) ଆଇସ ହକି ଟିମ୍‌ରେ କେତେଜଣ ଖେଳାଳୀ ରହିଥାନ୍ତି ?
(୨) ଲେକ୍ସିକନର ଅନ୍ୟତମ ଶବ୍ଦଟି କ'ଣ ?
(୩) ହିମାଳୟାନ ପପିର ରଙ୍ଗ କ'ଣ ?
(୪) ହିନ୍ଦୀ ଭାଷାର ଲିପି କ'ଣ ?
(୫) ଆଜାଦ୍ ହିନ୍ଦ ଫୌଜର ସ୍ଥାପନା କେଉଁଠି ହୋଇଥିଲା ?
(୬) ଫୁଲର ଘାଟି କେଉଁ ରାଜ୍ୟରେ ଅବସ୍ଥିତ ?
(୭) ଦେଶବନ୍ଧୁ ନାଁରେ କିଏ ପରିଚିତ ?
(୮) ଭାରତର ପ୍ରଥମ ମହିଳା ରାଜ୍ୟପାଳଙ୍କ ନାଁ କ'ଣ ?
(୯) ଶ୍ୱେତ ବିପ୍ଳବର ସମ୍ପର୍କ କାହା ସହ ଜଡ଼ିତ ?
(୧୦) ଶ୍ରୀଲଙ୍କାର ପୁରାତନ ନାଁ କ'ଣ ?

**JUMBLE WORDS**

1) WIWOLL =
2) TIUROS =
3) IRDIG =
4) KIRCT =
5) GNEEIN =
6) SUMBAH =
7) SSEEN =
8) THAWC =
9) PTELGI =
10) LABOCT =

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ମଙ୍ଗଳ ପାଣ୍ଡେ, ୨.ସରୋଜିନୀ ନାଇଡୁ, ୩.ରାଜା ରାମମୋହନ ରାୟ, ୪.ମୂଳ ଶଙ୍କର, ୫.ତ୍ରିପଟକ, ୬.ସ୍ୱାମୀ ବିବେକାନନ୍ଦ, ୭.ଦୟାନନ୍ଦ ସରସ୍ୱତୀ, ୮.୧୪୯୮ ମସିହା , ୯.ଗୁରୁ ନାନକ, ୧୦.ସର୍ଦ୍ଦାର ବଲ୍ଲଭଭାଇ ପଟେଲ ।

***Jumble Words*** ର ଉତ୍ତର :-
(1) AGAIN (2) LOLIC (3) CANARY (4) FINALE (5) LEAVE
(6) SPELL (7) SHREWD (8) ZODIAC (9) ELECT (10) THINK

## ଓପିଏମରେ କ୍ଲୋରୋ ଆଲକଲି ପ୍ଲାଣ୍ଟ କେବେ ହେବ ?

ଝାରସୁଗୁଡ଼ା: କୋଭିଡ୍ ସମୟରେ ଅର୍ଥାତ୍ ୨୦୨୧ ଏପ୍ରିଲରେ ରାଜ୍ୟ ସରକାରର ଓଡ଼ିଶାରେ ହେବାକୁ ଥିବା ପ୍ରସ୍ତାବିତ ୯୯ ଶିଳ୍ପକୁ ଅନୁମତି ପ୍ରଦାନ କରିଥିଲେ । ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ଅଥରିଟି (ଏସଏଲଏସଡବ୍ଲୁସିଏ) ପ୍ରମୁଖ ଶାସନ ସଚିବ ସୁରେଶ ମହାପାତ୍ର ଏହି ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିଥିଲେ । ଯେଉଁଥିରେ ବନ୍ଦ ପଡିଥିବା ଓରିଏଣ୍ଟ ପେପର ଆଣ୍ଡ ଇଣ୍ଡଷ୍ଟ୍ରିଜ (ଓପିଏମ) ପକ୍ଷରୁ ବ୍ରଜରାଜନଗରରେ ପ୍ରସ୍ତାବିତ ୧୭୨ କୋଟି ଟଙ୍କାର କ୍ଲୋରୋ ଆଲକାଲି କମ୍ପ୍ଲେକ୍ସ ହେବାର ଥିଲା । ଏହି ପ୍ଲାଣ୍ଟ ପାଇଁ ଓପିଏମ୍ ପକ୍ଷରୁ ୨୦୧୯ - ୨୦ ରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁମତି ମିଳିବା ପରେ ଓପିଏମ ପୁନରୁଦ୍ଧାର ହେବାର ଆଶା ସଞ୍ଚାର ହୋଇଥିଲା । କିନ୍ତୁ ଇତିମଧ୍ୟରେ ଘୋଷଣାକୁ ୨ ବର୍ଷ ବିତି ଯାଇଥିଲେ ସୁଦ୍ଧା ଓପିଏମ ପୁନରୁଦ୍ଧାର ପ୍ରସଙ୍ଗ ସରକାରଙ୍କ ଫାଇଲ୍ ତଳେ ଚାପି ହୋଇ ରହିଯାଇଛି ।

ଓପିଏମ୍ କାରଖାନା ଚାଲୁ କରିବା ସମ୍ପର୍କରେ ୧୮ ଜାନୁଆରି ୨୦୨୧ରେ ଆଭାସୀ ମାଧ୍ୟମରେ ବୈଠକ ହୋଇଥିଲା । ପ୍ରାଥମିକ ସ୍ତରରେ ଏଠାରେ ସିମେଣ୍ଟ ଶିଳ୍ପ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା । କିନ୍ତୁ କଞ୍ଚାମାଲ୍ ସମସ୍ୟା ପାଇଁ ଏଥିରୁ କମ୍ପାନି ଦୂରେଇ ଯାଇଥିଲା । ପରବର୍ତ୍ତୀ ସମୟରେ ଏଠାରେ ଏକ କ୍ଲୋରୋ ଆଲକାଲି କମ୍ପ୍ଲେକ୍ସ ପ୍ରତିଷ୍ଠା କରିବା ନେଇ ନିଷ୍ପତ୍ତି ନିଆଯାଇ ଥିଲା । ପ୍ରଥମ ପର୍ଯ୍ୟାୟରେ ଏହି ଶିଳ୍ପ ପାଇଁ ୧୭୨ କୋଟି ଟଙ୍କା ଖର୍ଚ୍ଚ ହେବ । ପ୍ରଥମ ଦଫାରେ ୩୪୦ ଜଣ ନିଯୁକ୍ତି ପାଇବେ ଓ ପରୋକ୍ଷରେ ୭୨୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ପରବର୍ତ୍ତୀ ସମୟରେ ଏଠାରେ ଥିବା କାଗଜ କଳର ପୁନରୁଦ୍ଧାର ପାଇଁ ପ୍ରୟାସ କରାଯିବ ବୋଲି ଖୋଦ୍ କମ୍ପାନିର କିଛି ବରିଷ୍ଠ କର୍ମକର୍ତ୍ତା ଗୋଲାପି ସ୍ୱପ୍ନ ଦେଖାଇଥିଲେ । ପୁରୁଣା ଶିଳ୍ପର ବକେୟା ପ୍ରାପ୍ୟ ଅନ୍ୟ ଏକ ଫୋରମରେ ରଖାଯିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ଅକ୍ଟୋବର ୨୦୨୧ ରେ ଆଭାସୀ ମାଧ୍ୟମରେ ଓପିଏମରେ ହେବାକୁ ଥିବା କ୍ଲୋରୋ ଆଲକାଲି ପ୍ଲାଣ୍ଟର ଅଗ୍ରଗତି ସମ୍ପର୍କରେ ପୁଣି ଏକ ବୈଠକ ହୋଇଥିଲା । ସେହି ବୈଠକ ପରେ ଇତିମଧ୍ୟରେ ୨ ବର୍ଷ ବିତିଗଲାଣି । କିନ୍ତୁ ନୂତନ ଶିଳ୍ପର ଅଗ୍ରଗତି ନେଇ ସରକାରଙ୍କ ପକ୍ଷରୁ ଆଉ ସମୀକ୍ଷା ହୋଇନାହିଁ । ଫଳରେ ଓପିଏମରେ ହେବାକୁ ଥିବା କ୍ଲୋରୋ ଆଲକଲି ପ୍ଲାଣ୍ଟକୁ ଦେଇଥିବା ସିଙ୍ଗଲ ୱିଣ୍ଡୋ କ୍ଲିଅରାନ୍ସ ପ୍ରସ୍ତାବର କାର୍ଯ୍ୟକାରିତା ଶୀତଳ ଭଣ୍ଡାରକୁ ଚାଲିଯାଇଥିବା ଅଭିଯୋଗ ହେଲାଣି । ସ୍ମରଣଯୋଗ୍ୟ ୧୯୯୯ ମସିହାରୁ କାଗଜ କଳ ବନ୍ଦ ପରେ ନିର୍ବାଚିତ ଜନପ୍ରତିନିଧିମାନେ ବିଭିନ୍ନ ସମୟରେ ବିଧାନ ସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ ମଧ ତାହା ଫଳପ୍ରଦ ହୋଇନାହିଁ । କାଗଜ କଳ ବନ୍ଦ ହେବାର ୨୫ ବର୍ଷରେ ପହଞ୍ଚିଥିଲେ ମଧ ସରକାରଙ୍କ ପକ୍ଷରୁ ଏହାର ପୁନରୁଦ୍ଧାର ପାଇଁ ପ୍ରୟାସ ହୋଇନାହିଁ ।

## ଅସ୍ମିକା କପ ଉଦଯାପିତ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନ ଏବଂ ଆକ୍ସନଆଡ଼ ଏସୋସିଏସନର ମିଳିତ ସହଯୋଗରେ ଅସ୍ମିକା କପ ୨୦୨୩ସ୍ଥାନୀୟ ରାମେଶ୍ୱର ଷ୍ଟାଡିଅମରେ ଉଦଯାପିତ ହୋଇ ଯାଇଛି । ଉଦଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଘାସିରାମ ପଣ୍ଡା ଜାତୀୟ ସ୍ତରର କାର୍ଯ୍ୟକ୍ରମ ମୁଖ୍ୟ ଉପସ୍ଥିତ ରହି ଛଅ ଗୋଟି ବ୍ଲକରୁ ଆସିଥିବା ସମସ୍ତ ପ୍ରତିଯୋଗୀ ଅଙ୍ଗନବାଡି କର୍ମୀମାନଙ୍କୁ ଅସ୍ମିକା କପ ୨୦୨୩ ର ବାର୍ତ୍ତା ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ମଙ୍ଗମ ଅଧକ୍ଷ ଏବଂ ସମସ୍ତ ମେମ୍ବର, ଶ୍ରୀ ସତ୍ୟନାରାୟଣ ପଣ୍ଡା ଉପସ୍ଥିତ ଥିଲେ । ଉକ୍ତ କାର୍ଯକ୍ରମରେ ଛଗୋଟି ପ୍ରକଳ୍ପରୁ ଆସିଥିବା ସମସ୍ତ ପ୍ରତିଯୋଗୀ ମାନଙ୍କ ଦ୍ୱାରା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା । ଏହାଛଡ଼ା ଅଙ୍ଗନବାଡି କର୍ମୀ ଏବଂ ଝିଅ ମାନଙ୍କ ମଧ୍ୟରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଥିଲା । ଉଦଘଟଣୀ ଉତ୍ସବରେଶ୍ରୀମତୀ ପ୍ରଧାନ, ଅନିତା ଗୁରୁ ଏବଂ ଘାସିରାମ ପଣ୍ଡା ଉପସ୍ଥିତ ରହି ସମସ୍ତ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି କାର୍ଯକ୍ରମକୁ ସୁବର୍ଣ୍ଣପୁର ଜିଲ୍ଲାର ବାଲ୍ୟ ବିବାହକୁ ନା ର ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ସିଂ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଜୀବ ମିଶ୍ର, ମୋହନ କୁମାର ମେହେର ସହଯୋଗ କରିଥିଲେ । ଶେଷରେ ଦୁଃଖିଶ୍ୟାମ ସେଠି ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋନପୁରରେ ଜାତୀୟ ପ୍ରେସ୍ ଦିବସ

ସୋନପୁର: ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଗୋରେଖନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ ମୁଖ୍ୟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଅଶ୍ୱିନି ମେହେର, ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିରେନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବରେ ଏବଂ ଅଖିଳ ଚନ୍ଦ୍ର ହୋତା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଅତିଥିମାନେ କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ ଏବଂ ସାମ୍ବାଦିକମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋଚନା କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇଙ୍କ ପରିଚାଳନା ଅନୁଷ୍ଠିତ ଏହି ସଭାକୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସଂଘ ଉପସଭାପତି ରାଜକୁମାର ମାହାଣା, ସମ୍ପାଦକ ମାନଭଞ୍ଜନ ମିଶ୍ର, କୋଷାଧକ୍ଷ କପିଳାସ ସେଠ ଙ୍କ ସହ ନରୋତ୍ତମ ମଲ୍ଲିକ, ଅନ୍ତର୍ଯ୍ୟାମୀ ସାହୁ, ରାଜେଶ କୁମାର ମେହେର, ମନୋଜ ମନହାରା ଓ ଗଣପତି ବାଘ, ମନୋଜ ମିଶ୍ର, ଧନଞ୍ଜୟ ଆଡକୁଆଡି ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ତଥା ମହିଳା ଓ ଶିଶୁ ଡେସ୍କ ପୋଲିସ ଅଧିକାରୀଙ୍କ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ସୋନପୁର: ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ସୋନପୁର ତରଫରୁ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମହିଳା ଓ ଶିଶୁ ଡେସ୍କ ପୋଲିସ ଅଧିକାରୀ ଓ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ ର ବିଭିନ୍ନ ଶିଶୁ ସମ୍ବନ୍ଧିୟ ଆଇନ୍ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ କିଶୋରମାନଙ୍କ ଯତ୍ନ ଓ ସୁରକ୍ଷା ଆଇନ୍, ଶିଶୁ କନ୍ୟା ଯୌନ ନିର୍ଯାତନା ଆଇନ ଏବଂ ବାଲ୍ୟ ବିବାହ ନିଷେଧ ଆଇନ୍ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇ ଥିଲା । ଜିଲ୍ଲାରେ କାର୍ଯ୍ୟ କରୁଥିବା ଜିଲ୍ଲାର ସମସ୍ତ ଥାନାର ସ୍ୱତନ୍ତ୍ର ଶିଶୁ କିଶୋର ପୋଲିସ ଅଧିକାରୀ ଏବଂ ମହିଳା ଓ ଶିଶୁ ଡେସ୍କ ପୋଲିସର ଶିଶୁ ମଙ୍ଗଳ ପୋଲିସ ଅଧିକାରୀ ମାନଙ୍କୁ ନେଇ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଯୋଗଦାନ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାପାଇଁ ପରାମର୍ଶ ଦେଇଥିଲେ । ଏହି ତାଲିମ ଶିବିରକୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ପରିଚାଳନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପ୍ରଧାନ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଶଙ୍କର୍ଷଣ ପଣ୍ଡା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ସମ୍ପାଦିକା କୁମୁଦିନୀ ମୁଦୁଲି, ବିଶେଷଜ୍ଞ କମିଟି ସଦସ୍ୟ ପ୍ରଫେସର ନୀଳାମ୍ବର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଶିଶୁ ସୁରକ୍ଷା ଓ ଯତ୍ନ ସମ୍ବନ୍ଧୀୟ ଆଇନ୍ ବିଷୟରେ ଆଲୋଚନା କରିଥିଲେ ।

ଏହି ତାଲିମ କାର୍ଯକ୍ରମ ରେ ସାଧନ କର୍ମୀ ଭାବରେ ପ୍ରତାପ କୁମାର ରଣା, ଏସଡ଼ିପିଓ ତଥା ଡିଏସପି ଏଚ ଆର ପି ସି ସୋନପୁର, ସ୍ପେସିଆଲ ପିପି ପୋକ୍ସୋ ଦଶରଥ ମହାରଣା, ବୌଦ୍ଧ ଶିଶୁ ମଙ୍ଗଳ କମିଟି ସଦସ୍ୟ, ରାଜୀବ କୁମାର ନାୟକ, ସୋନପୁର କିଶୋର ନ୍ୟାୟ ପରିଷଦ ସଦସ୍ୟ ରଞ୍ଜିତା ସାହୁ ପ୍ରୋଗ୍ରାମ ଅଫିସର ଅନିତା ଗୁରୁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ଶିଶୁ ମଙ୍ଗଳ କମିଟି, କିଶୋର ନ୍ୟାୟ ବୋର୍ଡ଼ରେ ଶିଶୁ ମାନଙ୍କ ଉପସ୍ଥାନ ସମୟରେ ପୋଲିସର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ତାଲିମ ପ୍ରଦାନ କରାଯାଇ ଥିଲା । ଅନ୍ୟମାନଙ୍କ ମଧ୍ୟରେ ଏହି ଶିବିରରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ,ଶିଶୁ ମଙ୍ଗଳ କମିଟିର ସଦସ୍ୟ ହେମନ୍ତ କୁମାର ସା ଉପସ୍ଥିତ ଥିଲେ । ଉତ୍କଳ ବାଳାଶ୍ରମ, ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ସଖୀ ର କର୍ମକର୍ତ୍ତା ମାନେ ମଧ ଉପସ୍ଥିତ ରହି ତାଲିମ ନେଇଥିଲେ । ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ଅଧିକାରୀ କେଶବ ଚନ୍ଦ୍ର ମେହେର ଧନ୍ୟବାଦ୍ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର କର୍ମଚାରୀ ବିଶେଶ୍ୱର ହୋତା, ସ୍ୱାଗତ ରଜ ମିଶ୍ର,ଅବିର କାଲସେ, ରୁଦ୍ର ପ୍ରସନ୍ନ ମିଶ୍ର, ବିଜୟ ବିଶ୍ୱାଳ, ସରିତା ସୁନା ଓ ଅନିଲ ମହଲା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରି ଥିଲେ ।

## ଜିଲ୍ଲା ସ୍ତରୀୟ ବିଶ୍ୱ ମଧୁମେହ ଦିବସ ପାଳିତ

ସୋନପୁର: ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ତାଲିମ କେନ୍ଦ୍ରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ାକ୍ତର ବିଶ୍ୱ ରଞ୍ଜନ ପତି ଙ୍କ ଅଧକ୍ଷତା ରେ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇ ଯାଇଛି । କାର୍ଯ୍ୟକ୍ରମରେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ମନୋଜ କୁମାର ଅଦାବର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଡି.ସି.) ଡ଼ାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ଓ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ବିଶ୍ୱମ୍ବର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ଉକ୍ତ ସଭାରେ ସୁଧାଂଶୁ ନାୟକ ଓ ସହ ପରିଚାଳକ ଅଣ ସଂକ୍ରାମକ ରୋଗ ଗୀତାଞ୍ଜଳି ମେହେର ପୂର୍ଣ୍ଣ ସହଯୋଗ କରିଥିଲେ । ଅତିଥି ବୃନ୍ଦ ୧୦ ଜଣ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ ।

## ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂଙ୍କ ପରଲୋକ

ରେଢ଼ାଖୋଲ: ବିଶିଷ୍ଟ ଶିଶୁ ସାହିତ୍ୟିକ ତଥା ଓଡ଼ିଆ ଭାଷାତତ୍ତ୍ୱ ଲେଖକ ଡ. ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂଙ୍କର ପରଲୋକ ଘଟିଛି । ମହାରାଷ୍ଟ୍ରର ନାଗପୁରସ୍ଥିତ ତାଙ୍କ ବଡ଼ପୁଅ ପ୍ରଫେସର ଶୈଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂଙ୍କ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା । ତାଙ୍କ ଶେଷ ଇଛାପତ୍ର ଅନୁଯାୟୀ ତାଙ୍କ ମରଶରୀରକୁ ନାଗପୁର ମେଡିକାଲ କଲେଜକୁ ଦାନ କରାଯାଇଛି ।



୧୯୩୩ ମସିହା ଅଗଷ୍ଟ ୬ ତାରିଖରେ ଅନୁଗୋଳ ଜିଲ୍ଲା ଆଠମଲିକ ଉପଖଣ୍ଡର ପାପସରା ଗ୍ରାମରେ ଶୁଭେନ୍ଦ୍ର ମୋହନ ଜନ୍ମଗ୍ରହଣ କରିଥିଲେ । ସେ ତାଙ୍କ ଗ୍ରାମ ପାପସରାରେ ପ୍ରାଥମିକ ଶିକ୍ଷା ପରେ ଆଠମଲ୍ଲିକରେ ହାଇସ୍କୁଲ ଶିକ୍ଷା ଓ ପରେ କଟକସ୍ଥିତ ଶିକ୍ଷକ ତାଲିମ ସେକେଣ୍ଡାରୀ ଟ୍ରେନିଂ ସ୍କୁଲ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରେ ବିଏ.ଏମ୍.ବି.ଏଡ୍, ପିଏଚ୍‌ଡି କରିଥିଲେ । ସରକାରଙ୍କ ଶିକ୍ଷା ବିଭାଗରେ ଶିକ୍ଷକତାରୁ ଚାକିରୀ ଆରମ୍ଭ କରି ୧୯୯୩ରେ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ଼ରୁ ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷଣ ବିଶେଷଜ୍ଞ ପଦବୀରୁ ଅବସର ନେଇଥିଲେ । ୨୦୧୦ରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ୨୦୧୭ରେ କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାରରେ ସମ୍ମାନିତ ହୋଇଥିଲେ । ସେ ଏକାଧାରରେ ଜଣେ ଶିଶୁ ସାହିତ୍ୟିକ, ଲେଖକ, ଗାଳ୍ପିକ ଏବଂ ଅନୁବାଦକ ଥିଲେ । ରେଢ଼ାଖୋଲ ସହରର ଯଦୁମଣିପାଟନାସ୍ଥିତ ତାଙ୍କ ସାନପୁଅ ଡକ୍ଟର ବାଳାଦିତ୍ୟ ବିକାଶ ଶ୍ରୀଚନ୍ଦନ ସିଂଙ୍କ ସହିତ ସେ ରହୁଥିଲେ । ତେବେ ଗତ କିଛିମାସ ହେବ ଅସୁସ୍ଥତା ଯୋଗୁ ବଡ଼ପୁଅଙ୍କ ପାଖକୁ ଯାଇଥିଲେ । ତାଙ୍କ ରଚିତ ପୁସ୍ତକ 'ଶତାବ୍ଦୀ ପୁରୁଷ' ଓଡ଼ିଶା ସାହିତ୍ୟ ଇତିହାସର ଏକ ମାଇଲ ଖୁଣ୍ଟ ହୋଇରହିଛି । ତାଙ୍କ ରଚିତ ପୁସ୍ତକ 'ଦଳିତ ସାହିତ୍ୟ: ବିଶ୍ୱ ମାନବତାବାଦକୁ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଖଗେନ୍ଦ୍ର ସେଠୀ ଇଂଲିଶରେ ଅନୁବାଦ କରିଛନ୍ତି । ତାଙ୍କ ରଚିତ ଶେଷ ପୁସ୍ତକ 'ଶ୍ରୀରାମଚନ୍ଦ୍ରାୟନ' ଏକ ମାସ ପୂର୍ବରୁ ପ୍ରକାଶିତ ହୋଇଛି । ସାହିତ୍ୟ ପ୍ରତି ଅବଦାନ ପାଇଁ ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ତାଙ୍କୁ ସମ୍ମାନିତ କରାଯାଇଥିଲା ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରରେ ଗାୟତ୍ରୀ ଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି



ସମ୍ବଲପୁର : ଆସନ୍ତା ଡିସେମ୍ବର ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ହରିଦ୍ୱାରର ଗାୟତ୍ରୀ ତୀର୍ଥ ଶାନ୍ତି କୁଞ୍ଜର ତତ୍ତ୍ୱାବଧାନରେ ସମ୍ବଲପୁର ଠାରେ ହେବାକୁ ଥିବା ୪ ଦିନ ବ୍ୟାପୀ ୧୦୮ କୁଣ୍ଡୀୟ ଜନ ଜାଗରଣ ଗାୟତ୍ରୀ ଯଜ୍ଞ ପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି ବୋଲି ଯଜ୍ଞ କମିଟିର ଅଧ୍ୟକ୍ଷ ଆଇନଜୀବୀ ଦୀନଦୟାଲ ଅଗ୍ରୱାଲ କହିଛନ୍ତି ।

ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଅଗ୍ରୱାଲ କହିଛନ୍ତି ଯେ, ବିଶ୍ୱର ନବ ନିର୍ମାଣ, ମନୁଷ୍ୟ ଠାରେ ଦେବତ୍ୱର ଜାଗରଣ, ବିଚାର ଓ ବାତାବରଣର ପରିଶୋଧନ ଏବଂ ବାୟୁ ପ୍ରଦୂଷଣ ଦୂର କରିବା ଉଦ୍ଦେଶ୍ୟରେ ଏହି ଯଜ୍ଞ ଆୟୋଜନ କରାଯାଉଛି । ଏଥିରେ ପଶ୍ଚିମ ଓଡିଶା ତଥା ପଡୋଶୀ ରାଜ୍ୟର ଲକ୍ଷାଧିକ ଭକ୍ତ ଯୋଗ ଦେବାର ଆଶା କରାଯାଉଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ହରିଦ୍ୱାର ସ୍ଥିତ ଦେବ ସଂସ୍କୃତି ବିଶ୍ୱବିଦ୍ୟାଳୟର ଉପ-କୁଳପତି ଡାକ୍ତର ଚିନ୍ମୟ ପାଣ୍ଡ୍ୟା ଯୋଗ ଦେଇ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।ସେ ଆହୁରି କହିଥିଲେ ଯେ, ଯଜ୍ଞର ପ୍ରଚାର ପ୍ରସାର ଲାଗି ହରିଦ୍ୱାରରୁ ଆସିଥିବା ଶକ୍ତି କଳସ ଗତ ୯ ତାରିଖରୁ ସମ୍ବଲପୁରରୁ ବାହାରି ଏପର୍ଯ୍ୟନ୍ତ ସୁବର୍ଣ୍ଣପୁର, ବୌଦ୍ଧ ଏବଂ ଅନୁଗୋଳ ଜିଲ୍ଲା ପରିକ୍ରମା ଶେଷ କରିଛି । ଆଗାମୀ ଦିନରେ ଏହି କଳସ କଳାହାଣ୍ଡି, ନୂଆପଡା, ବଲାଙ୍ଗୀର, ବରଗଡ଼, ଦେବଗଡ଼, ଝାରସୁଗୁଡା ଓ ସୁନ୍ଦରଗଡ଼ ଜିଲ୍ଲା ପରିକ୍ରମା କରିବ । ଏହାଛଡା ସମ୍ବଲପୁର ମହାନଗର ନିଗମର ସମସ୍ତ ୱାର୍ଡ ଏବଂ ୧୦୮ଟି ଗ୍ରାମରେ ଆସନ୍ତା ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ପରିକ୍ରମା କରିବ । ଯଜ୍ଞର କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଅଗ୍ରୱାଲ କହିଥିଲେ ଯେ, ଡିସେମ୍ବର ୧ ତାରିଖ ଦିନ ରେମେଡ଼ର କଦମମାଲ ଯଜ୍ଞ ସ୍ଥାନରେ ଦେବ ଦମ୍ପତି ସମ୍ମିଳନୀ ସହିତ ଭୂମିପୂଜନ କରାଯିବ । ଏଥିରେ ପ୍ରାୟ ୧୦୦୦ ଦମ୍ପତି ଅଂଶଗ୍ରହଣ କରିବେ । ଡିସେମ୍ବର ୨୭ ତାରିଖ ଦିନ ମହିଳା ମାନଙ୍କ ଦ୍ୱାରା କଳସ ଯାତ୍ରା ଓ ସଂଗୀତ ପ୍ରବଚନ ଅନୁଷ୍ଠିତ ହେବ । ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଗାୟତ୍ରୀ ଯଜ୍ଞ, ପ୍ରବଚନ ଓ ବିଭିନ୍ନ ସଂସ୍କାର କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ଯଜ୍ଞର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଗାୟତ୍ରୀ ଶକ୍ତିପୀଠର ଟ୍ରଷ୍ଟ ମୁଖ୍ୟ ଉପେନ୍ଦ୍ର କୁମାର ପାଢ଼ୀ, ସହକାରୀ ଟ୍ରଷ୍ଟି ଶିବ ନାରାୟଣ ଶତପଥୀ, ରଘୁମଣି ଦାଶ, ଦିଲୀପ ସାନବଡ଼, ସତ୍ୟନାରାୟଣ ପଟେଲ, ବାନାମ୍ବର ସର, ନଳିନୀକାନ୍ତ ନାଥ ଓ ଦୀପ୍ତିମୟୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

# ମୋଟର୍ ଡିଲର୍ସ ୱେଲଫେୟାର୍ ଆସୋସିଏସନ୍‌ର ବନ୍ଧୁ ମିଳନ

ସମ୍ବଲପୁର : ସମ୍ବଲପୁର ମୋଟର୍ ଡିଲର୍ସ ୱେଲଫେୟାର୍ ଆସୋସିଏସନ୍ ପକ୍ଷରୁ ବରେଇପାଲିରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଅର୍ଜୁନ ରଞ୍ଜନ ପଣ୍ଡା, ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ଅଶୋକ ଜଲାନ ଏବଂ ପ୍ରେସ୍ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘର ସଭାପତି ବିପିନ




ଭାଟିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂପାଦକ ଅନିଲ ଜୈନ, କୋଷାଧ୍ୟକ୍ଷ ଦେବ ରାଠିଙ୍କ ସମେତ ସଦସ୍ୟ ରାଜୁ ରାଓ, ମନୋଜ ଖେମକା, ସୁରେଶ ଡାଲମିଆ, ଗୋବିନ୍ଦ ଅଗ୍ରୱାଲ ପ୍ରମୁଖ ସମସ୍ତ ସଦସ୍ୟ ସାମିଲ ହୋଇଥିଲେ ।

# ଡାକ୍ତର ଭୁବନେଶ୍ୱରୀ ପ୍ରସାଦ ମିଶ୍ର ସ୍ମାରକୀ ବକ୍ତୃତା

ସମ୍ବଲପୁର : ବିଶିଷ୍ଟ ଶଲ୍ୟ ଚିକିତ୍ସକ ପ୍ରଫେସର ଭୁବନେଶ୍ୱରୀ ପ୍ରସାଦ ମିଶ୍ରଙ୍କ ସ୍ମୃତିରେ ସ୍ମୃତି କମିଟି ପକ୍ଷରୁ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଓ ଯୁବ ଡ଼ାକ୍ତର ସଞ୍ଜୀବ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ।

ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଭୀମସାର ଅଧୀକ୍ଷକ ଡାକ୍ତର ଲାଲମୋହନ ନାୟକଙ୍କୁ ‘ଡାକ୍ତର ବି.ପି ମିଶ୍ର ସ୍ମୃତି ସମ୍ମାନ’ରେ ସମ୍ମାନିତ କରାଯାଇଥିଲା । ଡାକ୍ତର ମୀନକେତନ କର ଓ ଡାକ୍ତର ଅଭୟ ରାୟଗୁରୁ ସମ୍ମାନ ପ୍ରଦାନ କରିଥିଲେ । ଉଦ୍ଧବ ମହାପାତ୍ର ମାନପତ୍ର ପାଠ କରିଥିଲେ । ପ୍ରଫେସର ଶଙ୍କର ପ୍ରସାଦ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ସ୍ମୃତି କମିଟିର ସମ୍ପାଦକ ପ୍ରଫୁଲ୍ଲ ହୋତା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ସହ ସମ୍ପାଦକ ଚକ୍ରଧର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



# ଝାରସୁଗୁଡ଼ାରେ ଜାତୀୟ ପ୍ରେସ୍ ଦିବସ

ଝାରସୁଗୁଡ଼ା: ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଆବୋଲୀ




ସୁନିଲ ନରୱଣେ ମୁଖ୍ୟଅତିଥି, ଜିଲ୍ଲା ଆରକ୍ଷୀ ଅଧକ୍ଷକ ସ୍ମିତ ପି. ପରମାର ସମ୍ମାନିତ ଅତିଥି ଓ ମୁଖ୍ୟବକ୍ତା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡକ୍ଟର ଶିବପ୍ରିୟା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଗଣମାଧ୍ୟମ ପ୍ରତିନିଧୂ ପ୍ରଶାନ୍ତ ମହାନ୍ତି, ଜୀବନ ମହାନ୍ତି, ରିତେଶ ଶର୍ମା, ନିଳେନ୍ଦ୍ର ଗଜେନ୍ଦ୍ର ଓ ଅଜୟ ଶର୍ମା ପ୍ରମୁଖ ନିଜସ୍ୱ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୂକ୍ଷକ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା କାର୍ଡ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରବନ୍ଧକ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର କର୍ମଚାରୀ, ବୁଦ୍ଧିଜୀବୀ, ଆଇନଜୀବୀ, ଅଧାପକ ଓ ଅଧାପିକା ତଥା ଗଣମାଧ୍ୟମ ପ୍ରତିନିଧୂମାନେ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ସମ୍ବଲ’ ପକ୍ଷରୁ ୩୧୦ ଅଜଣା ବ୍ୟକ୍ତିଙ୍କ ସମୂହ ଶ୍ରାଦ୍ଧ




ସମ୍ବଲପୁର : ଅପରିଚିତ ଓ ଅସହାୟ ବ୍ୟକ୍ତିଙ୍କ ଶବ ସତ୍କାର କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ସମ୍ବଲ’ ପକ୍ଷରୁ ତୃତୀୟ ସମୂହ ଶ୍ରାଦ୍ଧର ଆୟୋଜନ କରାଯାଇଛି । ୩୧୦ ଜଣ ଅଜଣା ଏବଂ ଅସହାୟ ଶବମାନଙ୍କର ଆତ୍ମାର ସଦ୍‌ଗତି ନିମନ୍ତେ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପରେ ଶାନ୍ତି ହୋମ, ପିଣ୍ଡଦାନ ଏବଂ ବିଷ୍ଣୁ ସହସ୍ରନାମ ପାଠ କରାଯାଇଥିଲା । ପୂର୍ବରୁ ବିଧି ଅନୁଯାୟୀ ‘ସମ୍ବଲ’ ପରିବାରର ସୌରୀ ନାରାୟଣ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଦିଲୀପ ବୋଷ, କାଳିଆ ବାଗ ଏବଂ ମୁକେଶ ବିଶି ଆହ୍ଲାବାଦ ଯାଇ ତ୍ରିବେଣୀ ସଂଗମରେ ପିଣ୍ଡ ଦାନ କରିଥିଲେ । ପ୍ରୟାଗରାଜ ଯିବାବେଳେ ସଂଗଠନର ସଂପାଦକ ସୁବ୍ରତ ପଣ୍ଡା, ସଂଯୋଜକ ରାମଦାସ ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଉପଦେଷ୍ଟା ଉଦ୍ଧବ ମହାପାତ୍ର ଏବଂ ସଂଜୀବ ନନ୍ଦ ସେମାନଙ୍କୁ ପୁଷ୍ପମାଲ୍ୟ ଦେଇ ଉତ୍ସାହିତ କରିଥିଲେ । ପୂର୍ବରୁ ଦୁଇ ଥର ‘ସମ୍ବଲ’ ତରଫରୁ ଏଭଳି ସମୂହ ଶ୍ରାଦ୍ଧ କାରାଯାଇଥିଲା ।



# ଚନ୍ଦ୍ରଶେଖର ବେହେରା ସ୍ମାରକୀ ବକ୍ତୃତା

ସମ୍ବଲପୁର: ସମ୍ବଲପୁର ପବ୍ଲିକ ଲାଇବ୍ରେରୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ଚନ୍ଦ୍ରଶେଖର ବେହେରା ସ୍ମାରକୀ ବକ୍ତୃତା ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଗପୁର ଆଇଆଇଏମ୍‌ର ପ୍ରଫେସର ରବୀନ୍ଦ୍ର କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଭିମ୍‌ସାରର ଅବସରପ୍ରାପ୍ତ ଶଲ୍ୟ ବିଶେଷଜ୍ଞ ପ୍ରଫେସର ଡାକ୍ତର ଶ୍ରୀବତ୍ସ କୁମାର ମହାପାତ୍ର




ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଟିଳ ସମସ୍ୟା ଓ ଏହାର ସଫଳ ଚିକିତ୍ସା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଅତିଥିଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ଚନ୍ଦ୍ରଶେଖର ବେହେରାଙ୍କ ଜୀବନୀର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ତାଙ୍କ ମହାନ ତ୍ୟାଗ ବିଷୟରେ ଉଲ୍ଲେଖ କରିଥିଲେ । ପ୍ରଫେସର ଶଙ୍କର ପତି ପ୍ରାରମ୍ଭିକ ସୂଚନା ଓ ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ସମ୍ବଲପୁରରେ ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର







ସମ୍ବଲପୁର: ସମ୍ବଲପୁର ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାର ୬୬ ଦିବ୍ୟାଙ୍ଗଙ୍କୁ ଇ-ରିକ୍ସା ବଣ୍ଟନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆରଡିସି ଡକ୍ଟର ସୁରେଶ ଚନ୍ଦ୍ର ଦଳାଇ, ସମ୍ବଲପୁର ଜିଲ୍ଲା ସଭାପତି କୁମିଦିନି ନାୟକ ଏବଂ ଜିଲ୍ଲାପାଳ ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ ଅଧିକାରୀ ରବୀନ୍ଦ୍ର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଇ-ରିକ୍ସା ବଣ୍ଟନ ବ୍ୟତୀତ ୧୨ ଜଣ ଭିନ୍ନକ୍ଷମଙ୍କୁ ୩୦, ୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମାଂସପେଶୀ ଜନିତ (ଡିଏମଡି) ରୋଗୀଙ୍କୁ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୪ ଜଣଙ୍କୁ ୨.୫ ଲକ୍ଷ ଟଙ୍କା ବିବାହ ପ୍ରୋତ୍ସାହନ, ଚାରି ଜଣଙ୍କୁ ଡିଜିଟାଲ୍ ଶ୍ରବଣ ଉପକରଣ, ଜଣକୁ ଟେଲରିଂ ମେସିନ୍, ଜଣକୁ ଚକ ଚେୟାର ଓ ଜଣେ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦିଆଯାଇଥିଲା । ପୃଥକ ଭାବେ ୧୧ ଯୋଡି ଆଣ୍ଠୁ କ୍ୟାପ୍ ମଧ ଏହି ଉତ୍ସବରେ ବଣ୍ଟନ କରାଯାଇଥିଲା ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra